# ପ୍ରେରଣା

ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

ଡିସେମ୍ବର, ୨୦୧୮

ତୃତୀୟ ସଂସ୍କରଣ

ପ୍ରତିଷ୍ଠାତା

ଲଳିତ କବି ଧ୍ରୁବ ଚରଣ ସ୍ବାଇଁ

# ପ୍ରେରଣା

ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

## ଡିସେମ୍ବର,୨୦୧୮ I ତୃତୀୟ ସଂସ୍କରଣ



ଭାଷା,ସାହିତ୍ୟ ଓ ଭାବନାର ମଧୁର ମିଳନ


**ପ୍ରତିଷ୍ଠାତା**

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ
ଜହ୍ନିତଇଳା, ବାରଦା,
ଢେଙ୍କାନାଳ

**ସମ୍ପାଦକ**

ଶ୍ରୀ ଦେବୀ ପ୍ରସାଦ ସ୍ୱାଇଁ
ଜହ୍ନିତଇଳା, ବାରଦା,
ଢେଙ୍କାନାଳ

8908279130

8908279130

emagazineprerana@gmail.com

www.facebook.com/preranaodia/

# ଉପକ୍ରମ

ପ୍ରାରମ୍ଭରୁ ଓଡିଆ ସାହିତ୍ୟ ପ୍ରତି ବିଶେଷ ଦୁର୍ବଳତା ନଥିଲେ ମଧ, କିଞ୍ଚିତ୍ ଜିଜ୍ଞାସା ନିଶ୍ଚୟ ଥିଲା । ଯେବେ କେବେବି ବାପାଙ୍କର ଲେଖା କିଛି ପଢେ, ତାଙ୍କ ସୃଜନଶୀଳତା ଓ ସାହିତ୍ୟର ବୈସ୍ତୃତ୍ୟ ଦେଖି ଅତି ବିସ୍ମିତ ଲାଗେ । ତାଙ୍କ ଲେଖା ପରି ସୁନ୍ଦର ସାହିତ୍ୟ, ଲୋକଲୋଚନରୁ ଅଦୃଷ୍ଟ ରହିଗଲା କେବଳ ସୁଯୋଗ ଏବଂ ପ୍ରୋତ୍ସାହନ  ଅଭାବରୁ I ତାଙ୍କ ପରି ଅନେକ ସାହିତ୍ୟ ସାଧକ ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ଚତୁର୍ପାର୍ଶ୍ୱରେ ପ୍ରସାରିତ କରିବା ପୂର୍ବରୁ ଝଡି  ଯାଉଛନ୍ତି ।

ଓଡିଆ ସାହିତ୍ୟର ସେହି ଲୁକ୍କାୟିତ ତଥା ଅପ୍ରସଂଶିତ ସ୍ରଷ୍ଟା ମାନଙ୍କୁ ସୁଯୋଗ ଦେବା ଏବଂ ସେମାନଙ୍କର ଅପ୍ରକାଶିତ ରଚନା ଗୁଡିକୁ ଲୋକ ଲୋଚନକୁ ଆଣିବା ପାଇଁ ଏକ ମାଧ୍ୟମ ପ୍ରଦାନ କରିବାର ଏକ କ୍ଷୁଦ୍ର ପ୍ରଚେଷ୍ଟା "ପ୍ରେରଣା" I ଯେକୌଣସି ପ୍ରତିକୂଳ ପରିସ୍ଥିତିରେବି, ନିର୍ଭୀକ ଭାବରେ ନିଜର କର୍ମ କରି ଚାଲିବା ପାଇଁ, ବାପାଙ୍କ ଠାରୁ ଯେଉଁ ପ୍ରେରଣା ମିଳିଥିଲା, ସେହି ପ୍ରେରଣାକୁ ସାହିତ୍ୟ ପ୍ରେମୀ ବନ୍ଧୁ ମାନଙ୍କ ସହ ପ୍ରସାର କରି ଓଡିଆ ଭାଷା ସାହିତ୍ୟ ପ୍ରତି ନିଜର ସାମାନ୍ୟ ଅନୁଦାନ ଅର୍ପଣ କରିବା ପାଇଁ ହିଁ  "ପ୍ରେରଣା"ର ସୃଷ୍ଟି ।

ଏହି ମାଧମଟି ଆପଣଙ୍କୁ ସାମାନ୍ୟତମ ପ୍ରୋତ୍ସାହନ ପ୍ରଦାନ କଲେ ମୋର ଶ୍ରମ ସାର୍ଥକ ହେବା ଆଶାକରେ ।

**ସମ୍ପାଦକ**

**ପ୍ରେରଣା**

ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

# ସହୃଦୟ ପାଠକ ପାଠିକା ମାନଙ୍କ ପ୍ରତି...

ପ୍ରେରଣା ଇ-ପତ୍ରିକାକୁ ଶତ-ପ୍ରତିଶତ ନିର୍ଭୁଲ ଭାବରେ ପ୍ରକାଶ କରିବା ପାଇଁ ଆମ୍ଭେମାନେ ଚେଷ୍ଟିତ । ଯେହେତୁ ଏହା ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟିର ଏକ ସଂକଳନ ମାତ୍ର, ସେମାନଙ୍କର ଭାବ ଏବଂ ସାହିତ୍ୟିକ ତ୍ରୁଟିକୁ ପରିବର୍ତ୍ତନ କରିବା ସମ୍ଭବପର ନୁହେଁ । ଆମ୍ଭେ କେବଳ ଭାଷାଗତ ଏବଂ ଶବ୍ଦଗତ ତ୍ରୁଟିକୁ ସୁଧାରିବା ପାଇଁ ପ୍ରୟାସ କରିଛୁ । ଏହି ସବୁ ସତ୍ତ୍ୱେ ଯଦି କିଛି ବ୍ୟାକରଣଗତ ତ୍ରୁଟି ରହି ଯାଇଥାଏ ତେବେ ତାହା ସହୃଦୟ ପାଠକ ପାଠିକା ତଥା ବିଦଗ୍ଧ-ସାହିତ୍ୟ ସମୀକ୍ଷକମାନଙ୍କର ବିହଙ୍ଗାବଲୋକନରୁ କଦାପି ଲୁଚି ରହି ପାରିବ ନାହିଁ, ତେଣୁ ସର୍ବାଦୌ ସେମାନଙ୍କ ନିକଟରେ ତ୍ରୁଟି ଜଣାଇଁ କ୍ଷମା ଭିକ୍ଷା କରୁଅଛି । ଏହି ପତ୍ରିକାରେ ଯଦି ସେପରି କୌଣସି ଧର୍ମ ବହିର୍ଭୂତ ତଥା ବିରୋଧୀ ତତ୍ତ୍ୱ ପ୍ରକାଶ ପାଇଥାଏ ତେବେ ତାହା ଜଣାଇଲେ ତ୍ରୁଟି ମାର୍ଜନା ପ୍ରତି ଯତ୍ନବାନ ହେବୁ ।

## ବିଶେଷ କୃତଜ୍ଞତା

- ଶ୍ରୀ ବିଭୁଶ୍ରୀ ମିଶ୍ର, ଢେଙ୍କାନାଳ
- ଶ୍ରୀ ସନ୍ତୋଷ ସାଗର ମିଶ୍ର, ରଣପଶି, ଢେଙ୍କାନାଳ
- ଶ୍ରୀ ହୃଦୟାନନ୍ଦ ପଧାନ, ସୁବର୍ଣ୍ଣପୁର
- ଶ୍ରୀ ସନାତନ ସାହୁ, କରମୂଳ, ଢେଙ୍କାନାଳ

# ପ୍ରେରଣା ଇ-ପତ୍ରିକା ପ୍ରକାଶନର ନିୟମାବଳୀ :

- ପ୍ରେରଣା ଇ-ପତ୍ରିକା ଏକ ମାସିକ ସଂସ୍କରଣ ହୋଇଥିବାରୁ ପ୍ରିୟ ଲେଖକ/ଲେଖିକା ମାନେ ପ୍ରତି ମାସରେ ପ୍ରକାଶଯୋଗ୍ୟ ନିଜସ୍ୱ ଲେଖା ପଠାଇ ପାରିବେ ।
- ପ୍ରକାଶନ ପାଇଁ ପ୍ରେରିତ ଲେଖା ଗୁଡିକର ନକଲକୁ ଲେଖକ/ଲେଖିକା ମାନେ ନିଜ ପାଖରେ ସରଂକ୍ଷିତ କରି ରଖିବା ପାଇଁ ଅନୁରୋଧ । କାରଣ ଅମନୋନିତ ଲେଖା ଗୁଡିକ ଫେରସ୍ତ ହେବାର ବ୍ୟବସ୍ଥା ନାହିଁ ।
- ବର୍ତ୍ତମାନ ପ୍ରେରଣା ଇ-ପତ୍ରିକା ମୁଖ୍ୟତଃ ପଦ୍ୟ ଏବଂ ଗଦ୍ୟ ଏହି ଦୁଇଟି ବିଭାଗ କୁ ନେଇ ଗଠିତ ହୋଇଥିବାରୁ ପ୍ରତି ସଂସ୍କରଣ ପାଇଁ ପ୍ରିୟ ଲେଖକ/ଲେଖିକା ମାନେ ଅତିବେଶିରେ କେବଳ ଦୁଇଟି (ଗୋଟିଏ ଗଦ୍ୟ ଏବଂ ଗୋଟିଏ ପଦ୍ୟ) ଲେଖା ପଠାଇ ପାରିବେ ।
- ପ୍ରିୟ ଲେଖକ/ଲେଖିକା ମାନେ ନିଜସ୍ୱ ଲେଖା ପଠାଇବା ପାଇଁ www.preranaodia.com ରେ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ସହ ନିଜସ୍ୱ ଲେଖା ଅପ୍-ଲୋଡ କରିବା ଆବଶ୍ୟକ ।
- ପ୍ରତି ସଂସ୍କରଣ ପାଇଁ କେବଳ ଏହି ପଞ୍ଜୀକରଣ ଦ୍ୱାରା ଲେଖା ଗ୍ରହଣଯୋଗ୍ୟ ଅଟେ । ସୁତରାଂ ପ୍ରତି ସଂସ୍କରଣ ପାଇଁ ଲେଖକ/ଲେଖିକା ମାନେ ଲେଖାକୁwww.preranaodia.com ରେ ଅପ୍-ଲୋଡ କରିବାକୁ ପଡିବ । ପଞ୍ଜୀକରଣ ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆମ ସହ ଯୋଗାଯୋଗ କରିବାକୁ ଅନୁରୋଧ ।
- ପ୍ରିୟ ଲେଖକ/ଲେଖିକା ମାନେ ପଞ୍ଜୀକରଣ ଫର୍ମ ରେ ପ୍ରଦତ୍ତ ସ୍ଥାନରେ ନିଜସ୍ୱ ଲେଖାକୁ ଓଡିଆ ରେ ଲେଖି ପାରିବେ କିମ୍ବା କେବଳ ମାଇକ୍ରୋସଫ୍ଟ ୱାର୍ଡ ବା ପିଡିଏଫ୍ ଫାଇଲ ଦ୍ୱାରା ଲେଖା ଅପ୍-ଲୋଡ କରିପାରିବେ ।

❖ ଇ-ମେଲ କିମ୍ବା ହ୍ୱାଟସ୍ଆପ୍ ଦ୍ୱାରା ପ୍ରେରିତ ଲେଖା ଗ୍ରହଣୀୟ ନୁହେଁ । ତେଣୁ ସହୃଦୟ ଲେଖକ/ଲେଖିକା ମାନେ ଲେଖା ପଠାଇବା ପାଇଁ ଏହାର ବ୍ୟବହାର ନକରିବା ପାଇଁ ବିଶେଷ ଅନୁରୋଧ ।

❖ ପ୍ରିୟ ଲେଖକ / ଲେଖିକା ମାନଙ୍କୁ ବିଶେଷ ଅନୁରୋଧ – ଅନ୍ୟ କୌଣସି ପତ୍ରିକାକୁ ପ୍ରକାଶ କରିବା ପାଇଁ ପଠାଇଥିବା ଲେଖା “ପ୍ରେରଣା” କୁ ପଠାନ୍ତୁ ନାହିଁ କିମ୍ବା “ପ୍ରେରଣା” କୁ ପଠାଇଥିବା ଲେଖା ଅନ୍ୟ କୌଣସି ପତ୍ରିକାକୁ ପଠାନ୍ତୁ ନାହିଁ ।

❖ ଲେଖା ଚୟନ କେବଳ ସମ୍ପାଦନା ମଣ୍ଡଳୀ ଦ୍ୱାରା ସ୍ଥିରୀକୃତ ହୋଇଥାଏ । ଲେଖକ/ଲେଖିକା ମାନେ ଏହା ଉପରେ କୌଣସି ଅଭିଯୋଗ ରଖିପାରିବେ ନାହିଁ । ଲେଖାଗୁଡିକ କୌଣସି ଧର୍ମ ବହିର୍ଭୂତ ତଥା ବିରୋଧୀ ତତ୍ତ୍ୱ ଉପରେ ଆଧାରିତ ନ ହେବା ଆବଶ୍ୟକ ।

❖ ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ଲେଖା ତଥା ଏହାର ୱେବସାଇଟ ରେ ପ୍ରଦତ୍ତ ତଥ୍ୟ ସମ୍ପାଦକଙ୍କ ଅନୁମତି ବିନା କୌଣସି ପତ୍ର-ପତ୍ରିକା ରେ ପ୍ରକାଶିତ ହେବା ଅପରାଧ ବୋଲି ବିବେଚନା କରାଯିବ । ସୁତରାଂ ଏଥି ନିମନ୍ତେ ସମ୍ପାଦକଙ୍କ ଠାରୁ ଲିଖିତ ଅନୁମତି ଆବଶ୍ୟକ ।

❖ ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଉଭୟ ପ୍ରକାଶକ ଏବଂ ଲେଖକ/ଲେଖିକା ମାନଙ୍କ ପାଖରେ ସର୍ବଦା ସରଂକ୍ଷିତ । ତେଣୁ ନିଜସ୍ୱ ଲେଖା କୁ ସୋସିଆଲ ମିଡିଆ/ନେଟୱର୍କରେ ପ୍ରଚାର ଏବଂ ପ୍ରସାର ନିମନ୍ତେ ସେୟାର୍ କରିବାର ସମ୍ପୂର୍ଣ ଅଧିକାର ପ୍ରିୟ ଲେଖକ/ଲେଖିକା ମାନଙ୍କର ଅଛି ।

**ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା, ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟି ହୋଇଥିବାରୁ ଯେକୌଣସି ବାଦାନୁବାଦ ପାଇଁ କେବଳ ଲେଖକ/ଲେଖିକା ମାନେ ଉତ୍ତରଦାୟୀ ରହିବେ ।ଏଥିରେ ପ୍ରକାଶକ, ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।**

# ସଂପାଦକୀୟ...

**ପ୍ରିୟ ସାହିତ୍ୟ ପ୍ରେମୀ,**

ଜୀବଜଗତ ନିଜର ଖାଦ୍ୟ,ପାନୀୟ,ବାସସ୍ଥାନ ତଥା ଅନ୍ୟାନ ଜୀବନ ପ୍ରଣାଳୀ ସମ୍ପାଦନ ପାଇଁ ସର୍ବଦା ପରିବେଶ ଉପରେ ନିର୍ଭରଶୀଳ । ଭିନ୍ନ ଭିନ୍ନ ଜୀବ ପ୍ରକାରନ୍ତେ ଆବଶ୍ୟକ ପରିବେଶ ଭିନ୍ନ ହେଲେବି ଜୀବଜଗତ ଓ ପରିବେଶ ମଧ୍ୟରେ ସନ୍ତୁଳନ ରହିବା ଆବଶ୍ୟକ । ପରସ୍ପର ମଧ୍ୟରେ ସନ୍ତୁଳନର ଅଭାବ ଘଟିଲେ ଭୟାବହ ପରିସ୍ଥିତି ସୃଷ୍ଟି ହେବା ସହ ଜୀବଜଗତ ବହୁଳ ମାତ୍ରାରେ କ୍ଷତିଗ୍ରସ୍ତ ହୁଏ । କେତେକ କ୍ଷେତ୍ରରେ ଉପଯୁକ୍ତ ପରିବେଶର ଅଭାବ କିମ୍ବା ଆବଶ୍ୟକ ପରିବେଶ ପ୍ରଦୂଷିତ ହୋଇଗଲେ ଉକ୍ତ ପରିବେଶ ଉପରେ ନିର୍ଭରଶୀଳ ଜୀବ ପ୍ରଜାତିର ବଂଶ ଲୋପ ପାଇଥାଏ । ତେଣୁ ପ୍ରତ୍ୟକ ଜୀବ ପାଇଁ ଏକ ସୁସ୍ଥ ପରିବେଶର ଆବଶ୍ୟକତା ରହିଛି ।

ପରିବେଶ ଉଭୟ ପ୍ରାକୃତିକ ଓ କୃତିମ(ମାନବକୃତ) ଦ୍ଵାରା ପ୍ରଦୂଷିତ ହୋଇଥାଏ । ବର୍ତ୍ତମାନ ଯୁଗରେ ପ୍ରାକୃତିକ ପରିବେଶ ପ୍ରଦୂଷଣର ମାତ୍ରା ଅପେକ୍ଷାକୃତ ସ୍ଥିର ରହିଥିଲେ ମଧ୍ୟ ମାନବକୃତ ତଥା କୃତିମ ପ୍ରଦୂଷଣର ମାତ୍ରା ଯଥେଷ୍ଟ ଅଧିକା । ଆଜି ଜଳ,ସ୍ଥଳ ଏବଂ ବାୟୁ ପ୍ରଦୂଷିତ ହୋଇ ଜୀବଜଗତକୁ ପ୍ରଭାବିତ କରୁଅଛି ।

ଜଳବାୟୁ ହୋଇଅଛି ପ୍ରଦୂଷିତ

ନାନାରୋଗେ ତେଣୁ ଜୀବନ-ଯନ୍ତ୍ରିତ ।

ବାସ୍ତବ ପ୍ରକୃତି ହେବାରୁ ବିଷାକ୍ତ

ମାନବାତ୍ମା ତେଣୁ ହୋଇଛି ଅଶାନ୍ତ ॥

(ସପ୍ତଶଯ୍ୟା କାବ୍ୟରୁ ଉଦ୍ଧୃତ ...)

ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଏବଂ ଅନ୍ୟ ସବୁଜ କୋଠରି ଗ୍ୟାସ୍‌ର ପରିମାଣ ବୃଦ୍ଧି ଯୋଗୁଁ ପୃଥିବୀରେ ସବୁଜ କୋଠରି ପ୍ରଭାବ ପରିଲକ୍ଷିତ ହେଉଛି । ଏଥି ଯୋଗୁଁ ଧୀରେ ଧୀରେ ବାୟୁମଣ୍ଡଳର ତାପମାତ୍ରା ବଢ଼ି ଏହା ବିଶ୍ୱତାପନର କାରଣ ହେଲାଣି । ପୃଥିବୀର ହାରାହାରି ତାପମାତ୍ରାରେ କ୍ରମଶଃ ବୃଦ୍ଧି ଘଟିବା ଯୋଗୁଁ ସମୁଦ୍ର ଜଳପତ୍ତନ ବଢ଼ିବାରେ ଲାଗିଛି । କଳକାରଖାନା ଓ ମୋଟରଯାନରୁ ନିର୍ଗତ ସଲଫର୍ ଡାଇଅକ୍ସାଇଡ୍ ଓ ନାଇଟ୍ରୋଜେନ୍ ଅକ୍ସାଇଡସ୍ ବାୟୁମଣ୍ଡଳକୁ ଯାଇ ଜଳୀୟବାଷ୍ପ ସହିତ ମିଶି ସଲଫ୍ୟୁରିକ୍ ଅମ୍ଳ ଓ ନାଇଟ୍ରିକ୍ ଅମ୍ଳରେ ପରିଣତ ହେବା ଫଳରେ ଅମ୍ଳବର୍ଷା ହେଉଛି । ଏହାର ପ୍ରଭାବରେ ଜଙ୍ଗଲ, ଘାସପଡ଼ିଆ ଏବଂ ଶସ୍ୟକ୍ଷେତ୍ରର ଉତ୍ପାଦନ କ୍ଷମତା ହ୍ରାସ ପାଇଲାଣି । ଏହା ଛଡା ବର୍ତ୍ତମାନ ପୃଥିବୀରେ ବଡ ସମସ୍ୟା ହେଉଛି ଜୈବ-ଅବନମିତଅକ୍ଷମ ବର୍ଜ୍ୟବସ୍ତୁର ପରିମାଣ ବୃଦ୍ଧି । କାରଣ ଏହି ସବୁ  ବର୍ଜ୍ୟବସ୍ତୁକୁ କ୍ଷୟକରିବାର କ୍ଷମତା ପରିବେଶର ନାହିଁ । ଯଦ୍ୱାରା ପରିବେଶ ବହୁଳ ମାତ୍ରାରେ ପ୍ରଦୂଷିତ ହେଉଅଛି ।

ମଣିଷର ଲୋଭ ଏବଂ ଅସଂଯତ ବ୍ୟବହାର ଯୋଗୁଁ ସମଗ୍ର ପୃଥିବୀର ପରିବେଶ ଏବେ ଧ୍ୱଂସମୁଖକୁ ଗତିକରୁଛି । ତେଣୁ ପରିବେଶର ଉନ୍ନତି ତଥା ସୁରକ୍ଷା କରିବା ହେଉଛି ପୃଥିବୀର ସବୁ ଦେଶ ଓ ସାଧାରଣ ବ୍ୟକ୍ତିର ଉତ୍ତରଦାୟିତ୍ୱ । ବର୍ତ୍ତମାନ ପରିବେଶ ପ୍ରଦୂଷଣ ସଚେତନତା ଶିକ୍ଷାର ଆବଶ୍ୟକତା ରହିଛି ଯେପରିକି ଜୈବ-ଅବନମିତଅକ୍ଷମ ବର୍ଜ୍ୟବସ୍ତୁର ବ୍ୟବହାର କେବଳ ଅତ୍ୟାବଶ୍ୟକ ସ୍ଥଳେ କରିବା । ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା । ସବୁଜ କୋଠରି ଗ୍ୟାସ୍‌ର ପରିମାଣ ହ୍ରାସ ଦିଗପ୍ରତି ଯତ୍ନବାନ ହେବା । ଯଥାସମ୍ଭବ ସୌରଶକ୍ତି, ପବନ ଶକ୍ତି ଓ ଜୁଆର ଶକ୍ତି ଆଦି ଅସରନ୍ତି ଉତ୍ସର ବହୁଳ ବ୍ୟବହାର ପାଇଁ ସଚେତନତା ସୃଷ୍ଟି କରିବା । ପରିଶେଷରେ ନୂତନ ବନୀକରଣ କରିବା ପାଇଁ ଲୋକଙ୍କୁ ପ୍ରୋତ୍ସାହନ କରିବା ।

ଆସନ୍ତୁ ସଭିଏଁ ମିଶି ପରିବେଶ ସୁରକ୍ଷା ପ୍ରତି ଯତ୍ନବାନ୍ ହେବା ।

**ଦେବୀ ପ୍ରସାଦ ସ୍ୱାଇଁ**

**ସମ୍ପାଦକ**

# ସୂଚୀପତ୍ର


| କ୍ର.ସଂ | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ଶ୍ରୀ ଚନ୍ଦ୍ରଶେଖର ସ୍ତୋତମ୍ | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୧୧ |


## ପଦ୍ୟ ବିଭାଗ


| | | | |
|---|---|---|---|
| ୨. | ତଟିନୀ ପ୍ରତି | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୧୩ |
| ୩. | ବର୍ଷା ରାତିର ଜହ୍ନ | ସୌମ୍ୟ ରଞ୍ଜନ ସ୍ୱାଇଁ | ୧୬ |
| ୪. | ସମ୍ଭାବନା | ଶୁଭ ରଞ୍ଜନ ପୃଷ୍ଟି | ୧୮ |
| ୫. | ହେ ଶିଳ୍ପୀ | କାଜଲ ସ୍ୱାଇଁ | ୨୦ |
| ୬. | ଜଏ ଉକିଆ ମାତା | ଆର୍ତ୍ତତ୍ରାଣ ଖୁର୍ଡିଆ | ୨୨ |
| ୭. | ମା | ପ୍ରିୟଙ୍କା ସାହୁ | ୨୫ |
| ୮. | ସପ୍ତଶଯ୍ୟା | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୨୬ |
| ୯. | ତୁମ ବିନା କବିତା | ସସ୍ମିତା ବେହେରା | ୨୯ |
| ୧୦. | ମା' ତୋର ପାଦ ପୂଜା | ସୁରେସ ଚନ୍ଦ୍ର ରାଉତ | ୩୧ |
| ୧୧. | ଝି ରତନ | ରମେଶ ଦେହୁରୀ | ୩୩ |
| ୧୨. | ବାପା | ଅଲେଖ ଚନ୍ଦ୍ର ବେହେରା | ୩୫ |
| ୧୩. | ସଂଗୀତର ପୂଜାରୀ | ହୃଦୟାନନ୍ଦ ପଧାନ | ୩୭ |
| ୧୪. | କଥା କହେ କଲମ | ଅବିନାଶ ବେହେରା | ୩୯ |
| ୧୫. | ନାରୀ | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୪୧ |

| କ୍ର.ସଂ | ବିଷୟ | ଲେଖକ | ପୃଷ୍ଠା |
|---|---|---|---|

## ଗଦ୍ୟ ବିଭାଗ

| | | | |
|---|---|---|---|
| ୧୬. | ଯୌତୁକ ପ୍ରଥା | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୪୪ |
| ୧୭. | କଇଁ ନାନି | ରାଧାମୋହନ ମିଶ୍ର | ୪୯ |
| ୧୮. | କବିତାର ସ୍ୱପ୍ନ | ସୋନାଲୀ ମହାଭୋଇ | ୫୩ |
| ୧୯. | ଅନ୍ତହୀନ ରାତି | ସନ୍ତୋଷ ସାଗର ମିଶ୍ର | ୫୫ |

# ଶ୍ରୀ ଚନ୍ଦ୍ରଶେଖର ସ୍ତୋତମ୍

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ହେ ଚନ୍ଦ୍ରଚୂଡ ଚନ୍ଦ୍ରଶେଖର-
ତ୍ରାହିମାଂ ଭବ ସାଗରମ୍
ହେ ପଶୁପତେ ପାର୍ବତୀ ପତେ
ସତ୍ୟଂ ଶିବଂ ସୁନ୍ଦରମ୍
ଖଡ୍‌ଗ ପରଶୁ ତ୍ରିଶୂଳ ଧରଂ
ନୀଳ ଲୋହିତ ଶରୀରମ୍
ଭସ୍ମ ଭୂଷଣଂ ସର୍ପ ଭୂଷଣଂ
ଭୂଷଣଂ ଗଙ୍ଗା ସଲିଳମ୍
ବିଦ୍ୟୁଃ ତ୍ରାସିତଂ ଅଟ୍ଟହାସିତଂ
ଧୁର୍ଜଟି ତମଃ ଜର୍ଜରମ୍
ଭୀମ ଭୈରବଂ ରୁଦ୍ର ତାଣ୍ଡବଂ
ପ୍ରଳୟଙ୍କରଂ ଶଙ୍କରମ୍
ମନ୍ଦାରମାଳଂ କପାଳମାଳଂ
ସ୍କନ୍ଧେ ଶୋଭିତ ନିକରମ୍
ବିଷ ଭକ୍ଷଣଂ ବିଶ୍ୱ ରକ୍ଷଣଂ
ଇଶ୍ୱରଂ ପରମେଶ୍ୱରମ୍
ଦିବ୍ୟ କୁଣ୍ଡଳଂ ଚିରମୁଜ୍ଜଳଂ
ମଣ୍ଡିତଂ ଗଣ୍ଡ ମଣ୍ଡଳମ୍
ହରମେ ସର୍ବ ପାତକ ହରଂ-
ଭବ ମେ ଭବମୁଦ୍ଧରମ୍

ଜହ୍ନିତଇଳା, ଢେଙ୍କାନାଳ

# ପଦ୍ୟ ବିଭାଗ

# ତଟିନୀ ପ୍ରତି

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ନିର୍ମଳ ପବିତ୍ରମୟୀ ତୁହି ଲୋ ତଟିନୀ
ଜୀବକୁଳ ଦଗ୍‌ଧତନୁ-ତାପ ବିନାଶିନୀ ।
ପାତିବ୍ରତ୍ୟ-ମହାଧର୍ମ ପାଳନେ ତତ୍ପର
ଭେଟିବାକୁ ପ୍ରିୟତମେ ଯାଉତୁ ସତ୍ୱର ॥

ପର୍ବତ-ରାଜନନ୍ଦିନୀ ପାର୍ବତୀ ତୁ ଭବେ
ଘୋର ତପସ୍ୟାରେ ମଗ୍ନଥିଲୁ ଗିରିଗର୍ଭେ ।
ତପଃ ସିଦ୍ଧି ଲଭି ଏବେ ଯାଉ ପ୍ରେମରଙ୍ଗେ
ଭେଟିବାକୁ ନୀଳକଣ୍ଠ-ନିଳସିନ୍ଧୁ ସଙ୍ଗେ ॥

ଜ୍ୟୋତିର୍ମୟ ପ୍ରଭାପୁଞ୍ଜେ ତୋ ତନୁ ଉଜ୍ଜ୍ୱଳ
ବିମ୍ବିତ ତପନ ଛବି ସ୍ନିଗ୍ଧ-ମନୋହର ।
ରଜନୀରେ ଦେଖି ଚାରୁ-ଚନ୍ଦ୍ରମା ବଦନ
କି ପ୍ରେମ ବିଭୋରେ ହୁଏ ମୁଗ୍ଧ ତୋର ମନ ॥

ବ୍ୟୋମ ଅଙ୍ଗେ ଚନ୍ଦ୍ର ଦେଖି ହୁଏ କି ତୋ ଭ୍ରାନ୍ତି
ବ୍ୟୋମକେଶ ଶିରେ ଶୋହେ ଅର୍ଦ୍ଧଚନ୍ଦ୍ର କ୍ରାନ୍ତି ।
ତୋ ରୂପ-ମୁକୁରେ ଦେଖି ନୀଳାମ୍ବର ମୁଖ
ରତ୍ନମୟ ଆଭରଣେ ପାଉଥାଏ ସୁଖ ॥

କେତେ ଶସ୍ୟ-କ୍ଷେତ୍ର ଶୋହେ ତୋର ବେନିତୀରେ
କେତେ ନିର୍ଝରିଣୀ ଜଳ ମିଶେ ତୋର ନୀରେ ।

କେତେ ଦୁର୍ଗ ପଲ୍ଲୀଗ୍ରାମ ପାଉଥାଏ ଶୋଭା
କେତେ ବନ-ଉପବନ ମନ ନେତ୍ର ଲୋଭା ॥

କେତେ ଘାଟ କେତେ ତୋଠ ଶୋଭିତ ସୋପାନ
କରୁଥାନ୍ତି କେତେ କାହିଁ ନରନାରୀ ସ୍ନାନ ।
ଆନନ୍ଦ ଉତ୍ସବେ ନିତ୍ୟ ତୋ ପୁର ଚହଳ
ମହା ଭାଗ୍ୟବତୀ ଭବେ ଅଟୁ ତୁ କେବଳ ॥

ଚାରୁ ଚିତ୍ରପଟ ପ୍ରାୟେ ତୋ ସୁଦୀର୍ଘ ତନୁ-
ଦେଖି ମହାଭବ ଜାତ ହୁଅଇ ମୋ ମନୁ ।
ଅଶେଷ ମହିମା ତୋର କି ବର୍ଣ୍ଣିବି ମୁଖେ
ନିତ୍ୟେ ତୃଷାତୁର ପ୍ରାଣ ତୋଷୁ ଥାଉ ସୁଖେ ॥

ପ୍ରଚଣ୍ଡ ରବି କିରଣେ ତୋ ତନୁ ସଂତପ୍ତ
ନିରନ୍ତରେ ସାଧୁ ପରଉପକାର-ବ୍ରତ ।
ମୋ ଜୀବନ ହେବ କାହୁଁ ତୋ ସମ ସରିତ
ସ୍ୱାଥର ରଜୁରେ ମୋର ମନ ଆକର୍ଷିତ ॥

ତୋ ବକ୍ଷେ ନାବିକ କାହିଁ ଭଷାଏ ତରଣୀ
ମଧୁର ସଙ୍ଗୀତ ଗାଇ ଚଳାଏ କ୍ଷେପଣୀ ।
ଆନନ୍ଦ ମନରେ ବସି ନରନାରୀ ଗଣ
କରୁଥାନ୍ତି ତୋ ଅପୂର୍ବ ଶୋଭାକୁ ଦର୍ଶନ ॥

ସମୀର ହିଲ୍ଲୋଳେ କମ୍ପେ ତରଣୀର ଅଙ୍ଗ
ଚତୁର୍ଦ୍ଦିଗେ ଉଠୁଥାଏ ତୋ ଜଳେ ତରଙ୍ଗ ।
ନିରିହ କୁମାରୀଗଣ ଭୟାକୁଳ ମନ
ତୋ ଭୀଷଣ ରୂପ ଦେଖି ମୁଦ୍ରିତ ନୟନ ॥

ପ୍ରବଳ ବରଷା କାଳେ ପ୍ରଳୟର ବନ୍ୟା-
ଛୁଟାଉ ତୋର ବକ୍ଷରେ ଗିରିରାଜ କନ୍ୟା ।
ତୀର୍ଥରାଜ ଗର୍ଭେ ନେଇ ଦେଉସବୁ ସ୍ଥାନ
ତୋ ଯୋଗେ ଲଭନ୍ତି ଅବା ସକଳେ ନିର୍ବାଣ ॥

କାହିଁ ଜଳାଶୟ କାହିଁ ବାଲୁକାର ସ୍ତୂପ-
ଗଢିଦେଉ ସମତଳ ଶସ୍ୟକ୍ଷେତ୍ର ରୂପ ।
କାହାକୁ ଉକ୍ଷର କରୁ କାହାକୁ ଉର୍ବର
ଅଭିନବ ସୃଷ୍ଟି ଅତି ବିଚିତ୍ର ତୋହର ॥

ସୁନିର୍ମଳ ଜଳେ ତୋର ଶାରଦୀୟ ଶୋଭା
କାଶତଣ୍ଡୀ ଫୁଲେ ବେନି ତୀର ମନ ଲୋଭା ।
ହେମମୟ ଆସ୍ତରଣ ସିକ୍ତ ହିମନୀରେ
ସର୍ଷପ କୁସୁମ ଶୋହେ ତୋର ବେନି ତୀରେ ॥

ଗ୍ରୀଷ୍ମକାଳେ ସ୍ୱଳ୍ପ ଜଳ ତୋ ଶରୀର କୃଶ
ତପକ୍ଲିଷ୍ଟ ତନୁ-ତପସ୍ୱିନୀର ସଦୃଶ ।
ତଥାପି ତୁ ତୋଷୁଥାଉ ବିଶ୍ୱ-ମହାପ୍ରାଣ
ନିଦାଘ-ତୃଷିତ ଜୀବେ କରି ଜଳଦାନ ॥

କଳୁଷ-ପଙ୍କେ ଆବିଳ ମୋ ଜୀବନ-ସରଃ
ନିରନ୍ତର ଭବତାପେ ତାପିତ ଅନ୍ତର ।
ପବିତ୍ରମୟୀ ତୋ ଜଳେ କରି ପ୍ରକ୍ଷାଳନ
ହେବ କିଏ ଦଗ୍ଧତନୁ ଶୀତଳ ପାବନ-॥

ଜହ୍ନିତଇଳା, ଢେଙ୍କାନାଳ

# ବର୍ଷା ରାତିର ଜହ୍ନ

ସୌମ୍ୟ ରଞ୍ଜନ ସ୍ୱାଇଁ

ବର୍ଷା ରାତିର ଜହ୍ନ
ସତେ କେତେ ବହୁରୂପୀ ଭାରି ମାୟାବିନୀ
ହାଲକା କଳା ରଙ୍ଗ ର ଶାଢ଼ୀ ପିନ୍ଧି
ବେଶ ଛଳନା ସେ କରେ
କେବେ ଲୁଚିଯାଏ ବାଦଲ ଉହାଡ଼ ରେ ତ
କେବେ ପୁଣି ଆଖି ମିଟିକା ମାରେ...
କୁହୁକିନି ସେ... ଯାଦୁଗରୀ
ତା ମୋହିନୀ ବେଶରେ ମୋତେ
ଅଣାୟତ କରେ... କବଳିତ କରେ
ମୋର ସବୁ ସ୍ନାୟୁ ତନ୍ତ୍ରୀ
ଛିଣ୍ଡା ମସିହା ଗୀଟାର ର ତାରରେ
ପୁଣିଥରେ ଭରିଦିଏ ସଂଗୀତ ର ମୂର୍ଚ୍ଛନା
ବେସୁରା କଣ୍ଠ ରେ ଭରିଦିଏ
ପ୍ରେମର ଅଷ୍ଟମ ରାଗିଣୀ...
କେବେ କେବେ ସତଦଳ ପାଖୁଡା ରେ
ଗଭା ମଣ୍ଡନ କରେ
ମାୟା ନଗରୀ ର ରାଜଜେମା ପରି
ଖୁବ ସୁନ୍ଦର ପରିପାଟୀ ରେ
ନିଜ ଶ୍ୟାମାଙ୍ଗ କୁ ସଜାଏ

ଦେହର ବାସ୍ନା ରେ ବିମୋହିତ କରେ
ରୋମାଂଚିତ କରେ ମନ ପ୍ରାଣ
ଆଉ ଧୀରେ ଧୀରେ ଗାଇଯାଉଥାଏ
ରିମଝିମ ବର୍ଷା ର ଗଜଲ...

**ବରୀ,ଯାଜପୁର**

# ସମ୍ଭାବନା

ଶୁଭ ରଞ୍ଜନ ପୃଷ୍ଟି

ମୁଁ ତ
ସଦ୍ୟ ପ୍ରସ୍ଫୁଟିତ ଫୁଲ ଟିଏ
ଖୁସିର ଅମୁଲ ମୁଲ ଟିଏ
ମତେ ଟିକେ ଲୋଡ଼ା
ପ୍ରେମର ପରସ
ବିଶ୍ୱାସରେ ଭରା ଝୁଲ ଟିଏ
ମୁଁ ତ
କଞ୍ଚା ମାଟି ଗଢ଼ା ମୂର୍ତି ଟିଏ
କରିପାରେ ମୁଁ ବି କିର୍ତ୍ତୀ ଟିଏ
ଭରିଦିଅ ଦେହେ
ସଂଯମତା ରଙ୍ଗ
କରିଦିଅ ସୂର୍ଯ୍ୟ ଶକ୍ତି ଟିଏ
ମୁଁ ତ
ଏଯାଏଁ ଅଗଡା ଖଡ଼ିଟିଏ
ଶୂନ୍ୟ ଅକ୍ଷରର ଝୁଡିଟିଏ
ସବୁ ଶୂନ୍ୟ ସ୍ଥାନ
କରିବାକୁ ପୁର୍ଣ
ଲୋଡ଼େ ଶକ୍ତ ଶିକ୍ଷା ସିଡ଼ିଟିଏ

ମୁଁ ତ
ଅନ୍ଧାରୀ ହାଟରେ ଜ୍ୟୋତିଟିଏ
ଶାମୁକା ଭିତରେ ମୋତିଟିଏ
ତୋଳିନିଅ ମୋତେ
ତୁମେ ତୁମ ହାତେ
ଗାଇଜିବି ପ୍ରେମ ପଂକ୍ତିଟିଏ...

ଗୋପାଳପୁର,କଟକ

# ହେ ଶିଳ୍ପୀ...

କାଜଲ ସ୍ୱାଇଁ

ହେ ଶିଳ୍ପୀ...

ଆଉଥରେ ଆଙ୍କି ଦିଅ

ତୁମ କୁହୁକ ତୁଳୀ ରେ

ଏ ସାରା ବିଶ୍ୱ କୁ

କିନ୍ତୁ...

ସେଥିରେ ସ୍ଥାନ ନପାଉ

କ୍ରୋଧ, ହିଂସା, ମୋହ, ଘୃଣା ର

ଲେଲିହାନ ଶିଖା....

ଅତ୍ୟାଚାର ନହେଉ ନାରୀ

ବାସହରା ନହୁଅନ୍ତୁ ପିତା ମାତା

ଅଦିନରେ ନ ଝଡୁ କଳିକା ଟି

ପ୍ରଥମ ଆଲୋକ ଦେଖିବା ଆଗରୁ

ଲିଭି ନଯାଉ ତା ଜୀବନ ସଳିତା....

ହେ ଶିଳ୍ପୀ...

ଆଉ ଥରେ ଗଢି ଦିଅ

ତୁମ ନିହାଣ ମୁନରେ

କଳ୍ପିତ କୋଣାର୍କ

କିନ୍ତୁ....

ଏଥିରେ ସ୍ଥାନ ନପାଉ
ବାର ବର୍ଷ ର ଦୁଃଖ,ଯନ୍ତ୍ରଣା, ହାହାକାର
ଗୁଞ୍ଜରିତ ନହେଉ ବିରହ କ୍ରନ୍ଦନ
ବାଜି ନଲାଗୁ ବାର ବର୍ଷ ବାଳକ
ବାଜିରାଉତ ର କୋମଳ ଜୀବନ
ପୁଣି ଥରେ ନଶୁଭୁ
ଅସହାୟ ପିତା ର ନୀରବ ଚିତ୍କାର...
ହେ ଶିଳ୍ପୀ...
ପୁଣି ଥରେ ପ୍ଲାବିତ କର
ପ୍ରେମ ପୂର୍ଣ୍ଣ ସ୍ରୋତସ୍ୱିନି
ଶସ୍ୟ ଶ୍ୟାମଳା ରେ
ଆଚ୍ଛାଦିତ କରିଦିଅ ପୁର ପଲ୍ଲୀ
କ୍ଷୁଧା ର ଜ୍ୱଳନ କୁ ପ୍ରଶମିତ କର
ଅନାହାରେ କେହି ଏଠି
ନ ଯାଆନ୍ତୁ ମରି
ଅସୂୟା, ଆଶକ୍ତି ଯେତେ
ରିପୁ ଅଛି ମନେ
ଧ୍ୱଂସ କରିଦିଅ ପ୍ରଭୁ
ତୁମ ଶାଣିତ ଅସ୍ତ୍ର ରେ
ପୁଣି ଥରେ ସ୍ଥାପନ କର ଧର୍ମ
ତୁମ ରଚିତ ଏ ସୁନ୍ଦର ବିଶ୍ୱରେ....

**ଡେଲାଙ୍ଗ,ପୁରୀ**

# ଜଏ ଉକିଆ ମାତା

ଶ୍ରୀମାନ୍ ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ

ମାତାଶ୍ଚ ବିଜଲି ବତି ଗୋ ପିତାଶ୍ଚ ଲାଇନ୍ ଖୁଣ୍ଟମ୍

ଭ୍ରାତାଶ୍ଚ ପ୍ଲାଷ୍ଟିକ୍ ତାରଂ ଗୋ ଆଲୁମିନିୟମ୍ ନମସ୍ତୁତେ ॥

କୁତ୍ର ରୂପା ଲେଖେନ୍ କୁତ୍ର ଲାଲ୍ ଲାଲ୍ କୁତ୍ରବା ଅଗ୍ନି ସମଂ

କୁତ୍ର ଜଳନ୍ତି ଜୈସେ ପାବକଂ ମା କୁତ୍ର ପଏରଛା ଖତମ୍

ଯଃ ଦ୍ୟନ୍ତି ମାସିକ ରେଣ୍ଟଂ ତସ୍ୟ ଘରେ ବିରାଜିତଂ

ରୋଡଂ ନାଲଂ ଛେଦ୍ବା ନ୍ୟନ୍ତି ପାନି ମଧ୍ୟୁଂ ତସ୍ମଂ ଜାତଂ ॥

ଇଦଂ ନିର୍ଲଜ କବି -ଆର୍ତ୍ତତ୍ରାଣଂ

ଉଲଗି ହେଉଛେଁ ଉକିଆ ମାତା ଗୋ

ଉଲଗିଟେ ହେଉଛେଁ ତତେ,

ଆଷାଢ଼ ମାସରେ ନି ଆଇଲେ ନାଇଁ ମାଁ

ଖରାମାସ୍ ଆଏଲେ ସୋର୍ ରଖବୁ ମତେ.

ତୁଇ ଥିଲେ ସଭେଁ ଆରାମେ ଶୁଇସନ୍

ତୋର୍ ବିନା ମନ୍ ଉନା,

ଆସି ଗଲେ ତୁଇ ଝାଲ୍ ଯାଏସି ଶୁଖି

ଦୁର୍ ହେସି ଘିଁଚା ଟନା.

ସମଲପୁରେ ତୁଇ ହୀରାକୁଦ୍ ରାନୀ

ଜଏପାଟଣାରେ ଇନ୍ଦ୍ରାବତି,

କେନ୍ ଠାନୁ ଖଣିନୁ କେନ୍ ଠାନୁ ପାନିରୁ

କେତନି ତୋର୍ କରାମତି.

ଫର୍ ଫର୍ କାଁଏ ତୋର୍ ବାନା ଉଡେ

ତୁଇଥିଲେ ଚଲସି ଟିଭି,

ତୋର୍ ବିନା ସଥେ ମନ୍ କରସନ୍ ଉନା

ମୋର୍ ପିଲା,ଛୁଆ ବିବି.

କେଭେ କେନ୍ତା ଯଦି ଅକାଲେ ସକାଲେ

ହାତେ ଧରାଦେଲେ ତତେ,

ଆଁଏଖ୍ ମୁଜି କରି ଆବରି ନେସୁ ମାଁ

ନିଜର୍ ଭାବସୁ କେତେ.

ଜୀବନର୍ ଦୁସରା ନାଁ ତୋର୍ ମାଁ ବୁଆ

ସଥେ ନାଁ ତାକର୍ ପାନି,

ତୁଇଥିଲେ ମାଁ ଗୋ କେଡେ ଗହ ଗହ

ସମାନ୍ ଲାଗସି ଉଠାନି.

ତୋର୍ ବିନା ସବୁ ଅଚଲ୍ ଗୋ ମାଁ

ଟିଭି,ଗ୍ରାଇଣ୍ଡର୍ ଫୁନ୍

ଯାହା ଗାଏଲେ ବି କେଭେ ନି ସରେ ମାଁ

କେତନିଟେ ତୋର୍ ଗୁନ୍ .

**ବୀରମହାରାଜପୁର,ସୋନପୁର**

# ମା

ପ୍ରିୟଙ୍କାସାହୁ

ମା ତୁମେ ମୋ ପାଇଁ ଧର୍ଯ୍ୟର ପାହାଡ
ତୁମେ ମୋ ଫୁଲସହର,
ମୋ ସବୁ ସ୍ୱପ୍ନର ସମ୍ଭାବନା ତୁମେ
ତୁମେ ପ୍ରେମର ସାଗର ।
ପ୍ରୀତିର ପଣତ ବାତ୍ସଲ୍ୟର ସ୍ରୋତ
କଥା ଅମୃତର ଝର ,
ସୁଦୁର ପ୍ରସାରୀ ଶୁଭ ଦୃଷ୍ଟିତୁମ
ଆଶିଷର ସମାହାର ।
ଜୀବନ ଯୁଦ୍ଧ କ୍ଷେତ୍ରର ଶକ୍ତଶୀଳା
ସାଜିଛ ଶାନ୍ତ ସୁଶୀଳା ,
ଦୁଃଖ ଗଡକୁ ଜୟ କରିଛ ,ସାଜି
ମୋ ସୁଖର ମୋତିମାଳା ।
ଜୀବନ ନାଟକ ଦୋଛକି ପଥରେ
ତୁମେ ଦେଖାଇଛ ରାହା ,
ସବୁ ଅଟେ ତୁଛ ମାୟାଜାଲେ ମିଛ
ସତ୍ୟ ଏକା ମୋର ମାଆ ।

ସାହାନିଆଜପୁର , କଟକ

# ସପ୍ତଶଯ୍ୟା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

(ସପ୍ତଶଯ୍ୟା କାବ୍ୟରୁ ଉଦ୍ଧୃତ...)

ସୁରମ୍ୟ ଆଶ୍ରମ ରମ୍ୟ ଫଳୋଦ୍ୟାନ
ଦର୍ଶନେ ପବିତ୍ର ହେଲା ମନ ପ୍ରାଣ ।
ଶୁକ୍ଳ-ଶ୍ମଶ୍ରୁଧର ବିଷୟ-ଉଦାସ
ହରି ପଦାଶ୍ରିତ ବାବା ହରିଦାସ ।।(୧)

ସୁଗମ୍ଭୀର ଯା'ଙ୍କ ପ୍ରଶାନ୍ତ ହୃଦୟ
ପ୍ରେମ ପରିପ୍ଳୁତ ଭକ୍ତି-ରସମୟ ।
ସାଦରେ ପ୍ରଣମି ତପସ୍ୱୀଙ୍କ ପାଦ
ଧନ୍ୟହେଲି ଲଭି ଶୁଭ ଆଶୀର୍ବାଦ ।।

ଆଶ୍ରମ ବାସିନୀ ରୂପେ କବିସୁତା (୨)
ହୋଇଛନ୍ତି ତହିଁ ସେବାରେ ନିଯୁକ୍ତା ।
ବରିନେଇ ପ୍ରାଣେ ଦୈନ୍ୟ-ନୀର୍ଯ୍ୟାତନା
ତ୍ୟାଗର ପ୍ରତିମା କୁମାରୀ ସୁରମା (୩) ।।

ଧନ୍ୟ କବି ତୁମ୍ଭ ଜନ୍ମ ଏ ଉତ୍କଳେ
ମହାକାଳଜୟୀ ପ୍ରତିଭା ଭଜଳେ ।
ପାଇଅଛ ଯେଉଁ ଯୋଗ୍ୟ ସୁତାସୁତ
ତୁମ୍ଭ ଅନୁରୂପ ସର୍ବଗୁଣ ଯୁକ୍ତ (୪) ।।

ସୁବିସ୍ତୀର୍ଣ୍ଣ ସାଗୁଆନ-ଉପବନ
ଘନ ପତ୍ରେ ଆହା ଦିଶେ କି ଶୋଭନ ।
ମେରୁଗିରି ପାଦେ ବୃନ୍ଦାରକ(୫) ପ୍ରାୟେ
କ୍ରମ ବର୍ଦ୍ଧମାନ ଉଭା ଦୀର୍ଘକାୟେ ॥

ଘନଛାୟା ଦୀର୍ଘକାୟା ତରୁଗଣ
ପରସ୍ପରେ କରି ବିରୁଦ୍ଧାଚରଣ ।
ରବିରଶ୍ମି ଲାଭେ ସଦା ଅନୁକୂଳ
ନିର୍ଝର-ଶୈତଲ୍ୟେ ବୃଦ୍ଧିକରିମୂଳ ॥

ଏହି ରୂପେ ସିନା ଧନବନ୍ତ ଜନ
ସହିପାରେ ଭବେ ବିପଦଧର୍ଷଣ ।
ଧନୀ ନ ଗଣଇଁ ବିପଦ-ଭ୍ରୂକୁଟୀ
ଧନହୀନ ଦେଖି ନ ପାରଇ ଉଠି ॥

ପୁରାତନ ତୃଣାଚ୍ଛାଦିତ ଆଶ୍ରମ
ଦେଖି ସାର୍ଥ ମୋର ହେଲା ପରିଶ୍ରମ ।
ମନେ ମନେ ଧ୍ୟାୟୀ ନମିଲି ସାଗ୍ରହେ
ଦେବାତ୍ମନ ସୀତା-ଶ୍ରୀରାମ ବିଗ୍ରହେ ॥

ଗିରିଚୂଡ କ୍ରମେ କରି ଆରୋହଣ
ଦେଖିଲି ପ୍ରକୃତି ବିବିଧ ବରଣ ।
ଉଚ୍ଚ ଉଚ୍ଚତର ହୋଇ ସାନୁମାନ
ଦିଶୁଥାନ୍ତି ଯଥା ତ୍ରିଦିବ ସୋପାନ ॥

(୧) ସପ୍ତଶଯ୍ୟା ତଳ ଆଶ୍ରମର ସନ୍ୟାସୀ ହରିବାବା । ତାଙ୍କ ପ୍ରଚେଷ୍ଟାରେ ସପ୍ତଶଯ୍ୟାର ବହୁ ଉନ୍ନତି ହୋଇଅଛି ।

(୨) କବିଭୂଷଣ ରାଜ କିଶୋର ପଟ୍ଟନାୟକ ଙ୍କ କନ୍ୟା ।

(୩) ଚିରକୁମାରୀ ସୁରମା ପଟ୍ଟନାୟକ ।

(୪) କବିଭୂଷଣଙ୍କ ର ଧୀର-ନମ୍ର -କୋମଳ ବଚନ ଥିଲା ସ୍ୱାଭାବିକ ଗୁଣ । ଏହି ସଦ୍ଗୁଣ ପ୍ରାୟ ତାଙ୍କ ପୁତ୍ର-କନ୍ୟାଙ୍କ ଠାରେ ପରିଦୃଷ୍ଟ ହୁଏ ।

(୫) ଦେବତା । ମେରୁଗିରି ତଳେ ଦେବତା ମାନେ ଉଭାହେଲା ପ୍ରାୟେ ସାଗୁଆନ ବନର ଦୃଶ୍ୟ ।

**ଜହ୍ନିତଇଳା, ଢେଙ୍କାନାଳ**

# ତୁମ ବିନା କବିତା..

ସସ୍ମିତା ବେହେରା

ଭାବିଲି ଆଜି ମୁଁ
ଲେଖିବି କବିତା
ନ ଭାବି ତୁମକୁ ସାଥୀ...
ଭାବିବାଟା ସିନା
ଭାବନା ସାଜିଲା
ପାହିଗଲା ମୋର ରାତି...

ଜହ୍ନ କୁ ଦେଖିଲି
ତୁମ ମୁହଁ ଥିଲା
ଫଗୁଣ ଟା ରଷିଗଲା...
ଫୁଲେଇ ଝରଣା
ତୁମ ବିହୁନ ରେ
ଅବାଟ ବାଟୋଇ ହେଲା...

ଦୁଷ୍ଟ ପ୍ରଜାପତି
କହିଦେଲା ଆସି
ଆଗୋ ମୋ ଚପଳଛନ୍ଦା..
କବିତା ଲେଖିବା

ତୁମ ବିନା ସାଥୀ

ରହିଯିବ ମୋର ଅଧା....

**ସୋଲର, ଛତିଆ, ଯାଜପୁର**

# ମା' ତୋର ପାଦ ପୂଜା

ସୁରେସ ଚନ୍ଦ୍ର ରାଉତ

ମା' ତୋ ପାଦରେ ଫୁଲଟିଏ ଦେଇ

କରେ ତୋର ଆରାଧନା

ପ୍ରଭାତ ଦିପରେ ଲୁହ ଝରାଇ ମା

ମାଗୁଚି ତୋର କରୁଣା

ଭକତି ମୋହର ଅଳି ଅଝଟ ମା

ପ୍ରଣାମ ମୋହର ତୋ ଦେହେ ଲୋଟେ ମା

ମା' ନାମ ମନ୍ତ୍ର ଖାଲି ଜଣା ......

କରେ ତେତେ ଆରାଧନା !!!!!!!!

ପ୍ରସାଦ ମୋହର ତୋ ହାତ ପଖାଳ

ଖୋଇଦେଉ ତୁହି ଯେବେ

ମୁଖ ନ ପଖାଳି ପଣତେ ତୋହର

ପୋଛି ଦଉ ତୁ ସରାଗେ

ତୋ କୋଳରେ ମା' ଲୋଟି ଯାଏ ମୁହିଁ

ମୋ ପିଠିକୁ ମା' ଲୋ ଦେଉ ଥାପୁଡେଇ

ଏହି ତ ମୋହର ପୂଜା

ମା' ତୋର ସେନେହଁ ଭୁଲି ପାରେନା !!!!!

ଖାଇବାକୁ ଆସେ ତୋ ପାଶକୁ ଧାଇଁ

ଖୋଇଦେଉ ମୋତେ କୋଳେ ତୋର ନେଇ

ସେବା କରିବାକୁ ପତୋପାଦ ଯାଇ

ଶୋଇ ଯାଏ ମୁଁ ଯେ ତୋ ପାଦେ ମଥାଦେଇ

ଅନନ୍ତ ଶାନ୍ତି ନିଦରେ

ମା' ତୋଳି ନେଉ ପଣତରେ !!!!!!

ହାତଜୋଡି ଯେବେ ତୋ ଆଗକୁଯାଏ

ହସ୍ତ ପ୍ରସାରୁ ତୁ ତୋଳି ନେଉ ମୋତେ

ମଥା ନଇଁ ଯେବେ କରେ ମୁଁ ପ୍ରଣାମ

ପଣତେ ତୋହର ଝାଡି ଦେଉ ଧୂଳି

ଝୁଣ୍ଟୀପଡି ଯେବେ କାନ୍ଦେ ବିକଳେ

ପରସେ ଦେଉ ସାନ୍ତ୍ୱନା

ମା' ଲୋ ଏହି ମୋ ପୂଜା ଆରାଧନା

ସେ ମମତା ଭୁଲି ହୁଏନା ମା,

ଦେ ତୋ ପ୍ରେମ ଅର୍ଚ୍ଚନା

ମା !!!!!!!!!!

**କଟକ**

# "ଝି ରତନ"

ରମେଶ ଦେହୁରୀ

ବିହାନ ବେରିଆ ବିଲାଇ ଘଣ୍ଟି
ରାଣ୍ଡି ଆଁଟକୁରି ଠୁଟି,
ଡର ମୁହେଁ ଟିକେ ସରମ  ନାଇଁ
ମରଣ୍ଁୁ ହେସୁକଣ୍ଟି ।
ହଇଲବାବୁ ଭାଇଖାଇ ଘଇତା ଖାଇ
ଲାଉପେଟି ନବରନଟି,
ଟିଭି ଫୁନଥି ସମିୟା ନାଇଁନ ଛୁଆ ବୁହାଲେ
ଶାଶୁ ଧରାସି ଢେଂଟି ।
ଡଲେ ଝିଅ ଜନମ କରି ତୋର
ଘଇତା ଯାଉଚେ ଭାଟି,
କାଇଁ ବଇଲୁ ଲୋ ସଉତୁଣୀ
ତୁଇ ଲୋ କଇଁରି ପେଣ୍ଟି ।
ଲୁକେ ଜୁଡେନୁ ଗୁଟେକେ
ଆଇଲା ବେଳକେ,
କେନ୍ତାସେ ଘଇତା ମାଇପ
ନାଇଁ ଜାନି ପରବାକେ ।
ସାରୁ ପତ୍ରେ ଜୀବନ ପଏନ
ବାଗିର ଢଳ ମଳ,
ଆଜଅଛେ କାଲକେ ନାଇଁ
କାଇଁଯେ ହେମା କଲ ବଲ ।

ସଥେତ ନନୀ ପାଠଥି,
ସରସ୍ୱତି ଘାଟଥି ଲକ୍ଷ୍ମୀ,
ସତିଥି ଅନୁସ୍ୱୟା
ଆମର ଝି ପଦ୍ମାବତୀ I
ଝିଅ ଠାନୁଁ ବହ ହେବା
ବହ ଠାନୁଁ ମାଆ,
ଝି ରତନ ଅମୁଲ ରତନ
ଝି ହସଲେ ଦୁନିଆ ହସବା I

କେଂଝରିଆ ପାଲି, ସୁବର୍ଣ୍ଣପୁର

# ବାପା

ଅଲେଖ ଚନ୍ଦ୍ର ବେହେରା

ଗୁରୁ ବୋଲି ଯେଉଁ ଶବ୍ଦଟିଏ ଅଛି ,
କେହି ଜାଣି ନାହିଁ କିଏ ସେ ଲେଖିଛି !
ମନେ ପ୍ରତିମ୍ବିବ ହୁଏ
ହୃଦୟରେ ଟିକେ ଭୟ ଆସିଯାଏ,
ଆଖିରେ ଟିକିଏ ପାଣି ଭରିଯାଏ
ବୋଧେ ଗୁରୁ ଶବ୍ଦ ଅର୍ଥ ଇଏ.. (୧)

ଶ୍ରୀଫଳର ଡାଳେ ଗଢା ତାଙ୍କ ମନ,
ଉପରକୁ ଶକ୍ତ ଭିତରେ କରୁଣ ,
ଯାହାଙ୍କ ହୃଦୟ ସଦା
ଶତ୍ରୁ ଅଧିକ ଡରାଇ ରଖନ୍ତି
ଦୁଃଖ ବେଳେ ସିଏ ସଦା ରହିଥାନ୍ତି ,
ପ୍ରଥମ ଗୁରୁ ସେ ପିତା.... (୨)

ସବୁ କର୍ମର ସେ ମୂଳ ଉପଦେଷ୍ଟା ,
ସବୁ ଅଭାବର ସେ ପୁରଣ କର୍ତ୍ତା ,
ନିଜ ଆବଶ୍ୟକ ଭୁଲି
ଶରୀର ପ୍ରତି ବିନ୍ଦୁ ତାଙ୍କ ଦାନ ,
ତାଙ୍କ କର୍କଶତା ଗଢେ ଏ ଜୀବନ,
ଶିଳ୍ପୀର ପ୍ରହାର ଭଳି..... (୩)

ବିପଦ ବେଳରେ ବିରଞ୍ଚିଙ୍କ ତୁଲେ,
ବିଷ୍ଣୁ ଠାରୁ ବେଶି, ପାଳନ ବେଳରେ
ଦୋଷ କଲେ ତ୍ରିପୁରାରି
ଏତେ ଯିଏ ଯତ୍ନ ନେଇଥାଏ ନିତି
ବାପା ବୋଲି ଯେଉଁ ମହାନତା ଅଛି,
କୁହନ୍ତିନି ମନ ଭରି.... (୪)

ପ୍ରକୃତ ଗୁରୁ ତ ବାପା ହିଁ ଅଟନ୍ତି
ସବୁ ସମୟରେ ପାଖରେ ଥାଆନ୍ତି,
ବାଟ ଛାଇ ଯା' ଆଶିଷ
ତୁମରି ପାଦରେ ପାଦକୁ ମିଶାଇ ,
ପ୍ରଥମ ପାହାଚ ଚଢିଥିଲି ମୁହିଁ,
ତୁମ ଶାସନ ହିଁ ମୋ ସାହସ.. (୫)

**ଅଙ୍ଗାରବନ୍ଧ, ଅନୁଗୁଳ**

# ସଂଗୀତର ପୂଜାରୀ

ହୃଦୟାନନ୍ଦ ପଧାନ

ମନେପଡେ କେତେ ଯେ ଅଭୁଲା ମୁହୂର୍ତ୍ତ
ତୁମ ସାଥେ କଟିଛି ଏ ଶିକ୍ଷା ନିକେତନେ
କେବେ ବାର୍ତାଲାପ ତୁମ ସାଥେ ସଂଗୀତର
ତ କେବେ ପୁଣି ଦୁଃଖ ଦରଦରେ
ଶୁଭୁନି ଆଉ ସେ ସଂଗୀତର ସ୍ୱର
ସେତ ସମ୍ପୂର୍ଣ୍ଣ ନିସ୍ତବ୍ଧ ଆଜି କାହିଁ
ନିସ୍ତବ୍ଧ ବି ହୋଇଗଲା ତୁମର ସେ ସ୍ୱର ଆଜି ସବୁଦିନ ପାଇଁ

ହେ ନମସ୍ୟ ! ସଂଗୀତର ପୂଜାରୀ
କେତେ ସ୍ୱର, କେତେ ଲୟରେ ଝଙ୍କୃତ ଥିଲା
ପ୍ରତିଟି ସକାଳର, ପ୍ରଥମ ଗୁଞ୍ଜନ
କେବେ ଭକ୍ତିରେ, ତ କେବେ ପ୍ରୀତିରେ
ସବୁଥିଲା ତୁମରି ପ୍ରେରଣା

ଜୀବନର ସଂଗୀତ ଗାଇ ଗଲ
ଚକ୍ଷୁର କ୍ଷଣିକ ପଲକେ, ଗଢିଥିଲ କେତେ ସ୍ମୃତି
ଯୌବନର ଉଲ୍ଲସିତ ବନେ
ଆଙ୍କିଥିଲ ପୃଷ୍ଠା ପରେ ପୃଷ୍ଠା ଛୁଇଁଥିଲା ସମସ୍ତଙ୍କ ପ୍ରାଣେ

ରହିଗଲା ତୁମ ସଂଗୀତର ଅଧୁରା କାହାଣୀ
ସେହି ସୁମଧୁର କାକଳି କଣ୍ଠର ସ୍ୱର
ତୁମର ସେ ଅନବଦ୍ୟ ସୃଷ୍ଟି ସବୁ ଆଜି ନିସ୍ତବ୍ଧ
ତୁମବିନା ଝୁରେ ଏ ସଂଗୀତ ସେଇ ସ୍ୱର, ସେଇ ତାଳ
ଆଜି ବି କାନ୍ଦୁଚି ତୁମରି ବିରହେ
ହେ ସଂଗୀତ ପୁରୋଧା ! କେବଳ ତୁମ ବିନା...

ଅମର ପାଲି, ବିରାମହରାଜପୁର
ସୁବର୍ଣ୍ଣପୁର

# କଥା କହେ କଲମ

ଅବିନାଶ ବେହେରା

ଜନମରୁ କଥା କହେ କଲମ,
କାଗଜରେ ଲେଖିବା ତାର କାମ ।
ଲେଖେ ଲେଖକ ମନର ଭାବକୁ,
ଆଣେ ପାଠକମାନଙ୍କ ପାଖକୁ ।
ବର୍ଣ୍ଣନା ତା' ଭିନ୍ନ ଭିନ୍ନ ଢଙ୍ଗରେ,
ଲେଖାଟି ହୁଏ ସୁନ୍ଦର, ଶବ୍ଦରେ ।
କଲମ, କବି ସ୍ପର୍ଶରେ ଜୀବନ୍ତ,
ସୃଷ୍ଟିକାରି କବି, ହୁଏନା କ୍ଳାନ୍ତ ।
ଲେଖକ ଛୁଆଁ ପାଇ, କଲମର,
ଅକୁହା କଥା କହେ ହୃଦୟର ।
ଲେଖି ବାସ୍ତବ ଚିତ୍ର ସମାଜର,
ଲୋକଙ୍କୁ କରାଏ ଦୃଷ୍ଟିଗୋଚର ।
କଲମକୁ କରେ ଧରି ଲେଖକ,
ଲେଖିଚାଲେ ଲେଖା ଅନବରତ ।
ଏକଚିତ୍ତେ ଲେଖା ପଢେ ପାଠକ,
ମତାମତ ଦେଇ କରେ ସାର୍ଥକ ।
ବହ୍ନି ବିପ୍ଳବର ବହୁ ନମୁନା,
କଲମମୁନରେ ତା'ର ସର୍ଜନା ।
କଲମ ଦିଏ ନୂଆ ପରିଚୟ,
ଆଗକୁ ବଢିବା ହୁଏ ନିଶ୍ଚୟ ।
ଚର୍ଚ୍ଚା ହୁଏ, ନେଇ ଉକ୍ତି ବ୍ୟକ୍ତିର,

ଭାବି ଲେଖା ଲେଖେ ସ୍ରଷ୍ଟକାର ।
ନେଇ ଲେଖାକୁ, ବହୁ ମତାନ୍ତର,
ଲୋକେ କରନ୍ତି ତାହାର ବିଚାର ।
କଲମ କରେନା କୁପ୍ରବଞ୍ଚନା,
ତାର ନାହିଁ କିଛି ଅନୁଶୋଚନା ।
ସ୍ୱଧର୍ମେ ହୋଇଣ ସ୍ୱାଧୀନ ମନା,
କରିଥାଏ ବ୍ୟକ୍ତ ନିଜ ଭାବନା ।
କହଇ ଜନତାର ଅଭିବ୍ୟକ୍ତି,
ଜଗାଏ ଲୋକଙ୍କର ସୁପ୍ତମତି ।
ଜଣାଏ ଜଗତେ ନିଜର ଶକ୍ତି,
ଇତିହାସରୁ ମିଳେ ତାର ଖ୍ୟାତି ।
କେବେ ନାହିଁ କଲମର ବିଶ୍ରାମ
ତାର ଗତି ସର୍ବଦା ଅବିରାମ ।

**କୋହି,ଗଡିଆ,ମୟୂରଭଞ୍ଜ**

# ନାରୀ

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

କିଏ ତୁମେ ଦେବୀ ଏହି ଭବ-ମରୂପଥେ
ଢାଳୁଅଛ ଶାନ୍ତି-ସୁଧା-ବାରି ଅବିରତେ ।
ଜନନୀ ଭଗିନୀ ଜାୟା କନ୍ୟା-ବଧୂ ରୂପେ
କରୁଛ ସମାଜ ସେବା ସେବିକା ସ୍ୱରୂପେ ॥

କୁସୁମ-କୋମଳ-ତନୁ ଲାବଣ୍ୟ ପ୍ରତିମା
ବର୍ଣ୍ଣିକେ କରିବ ଶେଷ ତୁମ ରୂପ ସୀମା ।
ସେନେହ-ମମତାମୟୀ ଆନନ୍ଦ ଦାୟିନୀ
ବିଶ୍ୱର ଜନନୀ ତୁମେ ଶାନ୍ତି ପ୍ରଦାୟିନୀ ॥

କାହିଁ ତୁମେ କଳନାଦୀ-ସୁଜଳା ତଟିନୀ
କାହିଁ କାନନ-କୁନ୍ତଳା ସ୍ୱଚ୍ଛ ନିର୍ଝରିଣୀ ।
ମଧୁମୟୀ ଛନ୍ଦମୟୀ କବିର କବିତା
ହାସ୍ୟମୟୀ ଲାସ୍ୟମୟୀ ରୂପସୀ ବନିତା ॥

ବହୁନାମେ ବହୁରୂପେ ତୁମେ ରୂପାୟିତ
ସ୍ୱର୍ଣ୍ଣସମ କଷଟିରେ ହୋଇ କଷାୟିତ ।
କରୁଛ ମାନବ ସେବା ସଦା ମହିୟସୀ
କର୍ମର କଠିନ ଲୌହ-ନିଗଡରେ ପଶି ॥

ଇକ୍ଷୁଦଣ୍ଡ ସମ ନିଜେ ହୋଇ ନିଷ୍ପେସିତ
ଦେଉଛ ମଧୁରରସ ସମାଜେ ଯୋଷିତ ।
କିନ୍ତୁ ହାୟ ଦେବୀ ! ଆଜି କେଉଁ ଅଭିଶାପେ-

ପାଷାଣୀ ଅହଲ୍ୟା ସମ ଦାରୁଣ ସଂତାପେ-
ସହୁଛ ଜୀବନେ ବହୁ ଦୁଃଖ ନିର୍ଯ୍ୟାତନା
ସ୍ୱାର୍ଥପର ସମାଜର ତାଡନା-ଲାଞ୍ଛନା ॥

ଅମୂଲ୍ୟ ରତନ ତୁମେ ଭବେ ମୂଲ୍ୟହୀନା
ଗ୍ରହଣ ନ ହୁଅ କେବେ ଯଉତୁକ ବିନା ।
କୁଟଜ ପରାୟେ ଫୁଟି ବିଜନ କାନନେ
ଝରି ପଡୁଅଛ ବୃଥା ଅକାଳ-ମରଣେ ॥

**ଜହ୍ନିତଇଳା, ଢେଙ୍କାନାଳ**

# ଗଦ୍ୟ ବିଭାଗ

# ଯୌତୁକ ପ୍ରଥା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ବହୁ ପ୍ରାଚୀନ କାଳରୁ ଯୌତୁକ ପ୍ରଥା ଆମ ସମାଜରେ ଏକ ପରମ୍ପରା ପ୍ରଥା ରୂପେ ଚଳି ଆସୁଅଛି । ଅଧୁନା ଉଚ୍ଚ-ଶିକ୍ଷିତ ସମାଜପକ୍ଷରେ ତାହା ଏକ ଘୃଣ୍ୟ-ନିନ୍ଦନୀୟ ପ୍ରଥାବୋଲି ବିବେଚିତ ହୋଇ, ତାର ନିରାକରଣ ପାଇଁ ଯେତେ କାର୍ଯ୍ୟାନୁଷ୍ଠାନ ମାନ ଗ୍ରହଣ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାହା ବିଲୋପ ହୋଇପାରୁ ନାହିଁ । ପୂର୍ବରୁ ସତୀଦାହ ପ୍ରଥା ପ୍ରଭୃତି କେତେକ କୁସଂସ୍କାର-ପ୍ରଥା ସମାଜରୁ ବିଲୋପ କରାଯାଇଛି । ମାତ୍ର ଏହି ଘୃଣ୍ୟ ଯୌତୁକପ୍ରଥା ରୂପୀ ଦୃଢମୂଳ-ମହାବୃକ୍ଷକୁ ଛେଦନ କରିବା ପାଇଁ କୌଣସି ତୀକ୍ଷ୍ଣ କୁଠାର ସକ୍ଷମ ହୋଇ ପାରୁନାହିଁ ।

ପୁରାଣ ଯୁଗରେ ରାଜା ମାନେ ତଥା ଧନାଢ୍ୟ ସାଧବମାନେ କନ୍ୟା-ସଂପ୍ରଦାନ ସମୟରେ ବହୁତ ଧନରତ୍ନ, ଯାନବାହନ ଯୌତୁକ ରୂପେ ଜ୍ୱାଇଁଙ୍କୁ ଦେଉଥିଲେ । ନିଜର ଶକ୍ତି ଅନୁସାରେ ଯୌତୁକ ଦେଉଥିଲେ ସାଧାରଣ ଲୋକେ । ମାତ୍ର ତାହା ଏକ ଶୃଙ୍ଖଳିତ ଭାବରେ ସ୍ନେହୋପହାର ରୂପେ ଦିଆଯାଉଥିଲା । ସେଥିରେ ନାରୀମାନଙ୍କର ମର୍ଯ୍ୟାଦା  ସମାଜରେ ଅକ୍ଷୁର୍ଣ୍ଣ ରହୁଥିଲା । ନାରୀକୁ ରତ୍ନ ବୋଲି ଆଖ୍ୟା ଦିଆଯାଉଥିଲା । ମାତ୍ର ଆଜିର ସମାଜରେ ଯୌତୁକ ଏକ ଉପହାର  ନହୋଇ ବଳାତ୍କାର ରେ ପରିଣତ ହୋଇଛି । ଏହା ଦ୍ୱାରା ନାରୀର ମୂଲ୍ୟବୋଧ ହ୍ରାସ ହେବା ସଙ୍ଗେ ସଙ୍ଗେ ମର୍ଯ୍ୟାଦା ନଷ୍ଟ ହେଉଛି । ସୁତରାଂ ନାରୀ ନିର୍ଯ୍ୟାତିତା- ନିଷ୍ପେସିତା-ଅସହାୟିତା ହୋଇ ଅକାଳ ମୃତ୍ୟୁ ବରଣ କରୁଅଛି ।

ଯୌତୁକ ଦାବିକରି କନ୍ୟାପିତାଙ୍କୁ ସର୍ବଶ୍ୱାନ୍ତ କରୁଥିବା ସ୍ୱାର୍ଥପର ଧନାପହାରୀ ବ୍ୟକ୍ତିମାନେ ଡକାୟତ ସଙ୍ଗେ ସମାନ ଅଟନ୍ତି ।  ଡକାୟତ ଶରୀରରେ ଭୁଜାଳି ମାରି ଧନ ଲୁଣ୍ଠନ କରିଥାଏ, ମାତ୍ର ଯୌତୁକ ଦାବି କରୁଥିବା ଲୋଭୀ ବ୍ୟକ୍ତି ସୂକ୍ଷ୍ମ ମାରଣାସ୍ତ୍ର ପ୍ରୟୋଗ କରି କନ୍ୟା ପିତାର ମର୍ମବିଦ୍ଧ କରିଦିଏ ।   ଯାହାଦ୍ୱାରା ତା'ର ମନ-ପ୍ରାଣ ଓ ତାହାର ଆତ୍ମା ଚିରଦିନ ପାଇଁ ସନ୍ତପ୍ତ ହେଉଥାଏ, ଅନ୍ୟର ମନପ୍ରାଣରେ ଆନନ୍ଦ ଦେଲେ ପୁଣ୍ୟାର୍ଜନ ହୋଇଥାଏ ।

ଏ ଧର୍ମବାଣୀକୁ ସ୍ୱାର୍ଥପର ବ୍ୟକ୍ତି ଆଦୌ ଗ୍ରହଣ କରେନାହିଁ ।

ଯଉତୁକଦାବି କରଇ ମାନବିକତାହୀନ

ନାରୀ ନିର୍ଯ୍ୟାତନା ଦେଶରେ ହୁଏ ପ୍ରତ୍ୟେକ ଦିନ ।

ତଣ୍ଟିଚିପି ଯେ କନ୍ୟାପିତାର ଯୌତୁକ–ଧନ ନିଏ

ବାଟରେ ନାରୀ ଧର୍ଷଇ ଯିଏ ସର୍ବଦା ମଦ ପିଏ ।।

ଅଛୁଆଁ ସେ'କି ନୁହେଁ ---

ସମାଜ ଆଜି କିଆଁରେ ତାକୁ ଭଦ୍ରବୋଲି କୁହେ ?"

(ସ୍ୱରଚିତ କବିତାରୁ ଉଦ୍ଧୃତ...)

ଆଜିର ସମାଜରେ ଯେଉଁ ପିତାମାତାଙ୍କର କେବଳ ପୁତ୍ରସନ୍ତାନ ହୋଇଥାଏ ସେମାନେ ନିଜକୁ ଭାଗ୍ୟବାନ ବୋଲି ମନେ କରିଥାନ୍ତି । ମାତ୍ର ଯେଉଁ ଦରିଦ୍ର ପିତାମତଙ୍କର କେବଳ ଚାରି ପାଞ୍ଚଟି ଝିଅ ସେମାନେ ଭାଗ୍ୟହୀନ, ଅଭିଶପ୍ତ ମନେ କରନ୍ତି । ପୂତ ନାମଙ୍କ ନର୍କରୁ ପିତାମାତାଙ୍କୁ ଉଦ୍ଧାର କରିବା ପାଇଁ ପୁତ୍ରସନ୍ତାନ ଆବଶ୍ୟକ । ଏହି ଅନ୍ଧବିଶ୍ୱାସ ଭ୍ରମ ଧାରଣା ସେମାନଙ୍କୁ ହତଭାଗ୍ୟ କରିଦେଇଛି, ଯାହା ଫଳରେ ପୁତ୍ରପ୍ରାପ୍ତି ଅପେକ୍ଷା କରି କରି ସେମାନେ ଚାରି ପାଞ୍ଚୋଟି କନ୍ୟା କେବଳ ପାଇଛନ୍ତି । ସେହି ଦରିଦ୍ର ପିତା ମାତାଙ୍କର କନ୍ୟା ମାନେ ସମାଜରେ ଅବାଞ୍ଛିତ ସନ୍ତାନ ଭାବେ ଜନ୍ମ ଗ୍ରହଣ କରିଛନ୍ତି, ତାଙ୍କ ପାଇଁ କେହି ସଂବେଦନଶୀଳ ନୁହନ୍ତି, ତେଣୁ ପିତାମାତା ଜମି ନଥିଲେ ଘରଡିହ ବିକ୍ରି କରି ଯୌତୁକ ଦେଇଥାନ୍ତି । ଯୌତୁକ ନଦେଲେ ବୟଃପ୍ରାପ୍ତ ଅବିବାହିତା ହୋଇ ଘରେ ରହିଯିବେ ।

ଏହା ଏକ ସର୍ପ-ଚୁଚୁନ୍ଦ୍ରା ନ୍ୟାୟ ଭାବେ ବୋଧ ହୁଏ । ଉପବାସରେ ସର୍ପର ପେଟ ଜଳୁଛି ତେଣୁ ସେ ଗନ୍ଧ ମୂଷିକକୁ ବାଧ୍ୟ ହୋଇ ଖାଉଛି ।

ପିତାମାତାମାନେ କନ୍ୟା ସନ୍ତାନଟିକୁ ପୁତ୍ରସନ୍ତାନ ସମାନରେ ପ୍ରକୃତରେ ମନେକରନ୍ତି ନାହିଁ । କାରଣ "ପୁତ୍ର ପିଣ୍ଡ ପ୍ରୟୋଜନମ୍" ଏହାର ପ୍ରକୃତ ଅର୍ଥ ବୁଝନ୍ତି ନାହିଁ । ପିଣ୍ଡର ଅର୍ଥ ଦେହ

ଜୀବିତାବସ୍ଥାରେ ପିତାମାତାଙ୍କୁ ଗ୍ରାସାଚ୍ଛାଦନ ଦେଇ ତାଙ୍କର ପିଣ୍ଡ ରକ୍ଷା କରିବାକୁ ଶ୍ରାଦ୍ଧ-ତର୍ପଣ ବୋଲାଯାଏ । ମୃତ୍ୟୁ ପରେ ଜୀବାତ୍ମା ଅନ୍ୟ ଏକ ନୂତନ ଶରୀର ଧାରଣ କରିଥାଏ I ତେଣୁ ମୃତ୍ୟୁ ପରେ ପିଣ୍ଡଦାନର ପ୍ରୟୋଜନ କ'ଣ ? ଏହା ସତ୍-ଶାସ୍ତ୍ରର ସିଦ୍ଧାନ୍ତବାଣୀ ଅଟେ । ଦେଖାଯାଏ ଦୁନିଆଁରେ ଅନେକ ପୁତ୍ର ବିଭାହେବା ପରେ ପିତାମାତାଙ୍କ ଠାରୁ ଭିନ୍ନ ହୋଇଯାଉଛନ୍ତି । ବୃଦ୍ଧ ପିତାମାତାଙ୍କୁ ଖାଇବା-ପିନ୍ଧିବା ପାଇଁ ଦେଉନାହାଁନ୍ତି I ସେମାନେ ମାଛ-ମାଂସ ରାନ୍ଧିବା ଦ୍ଵାରା ବାସ୍ନା ହୁଏ I ସେଥିରେ ବୁଢା-ବୁଢୀଙ୍କର ଆଶା ଜନ୍ମିବା ସ୍ଵାଭାବିକ ହୋଇଥାଏ I ମାତ୍ର ସେହି ଆଶା ସେହି ଅନ୍ଧକାର ରାତ୍ର ମଧ୍ୟରେ ନିରାଶାରେ ପରିଣତ ହୋଇଯାଏ I ଏ ଭଳି ପୁତ୍ର ଆବଶ୍ୟକ କ'ଣ ? ସେ ପିଣ୍ଡ ଦାନ ଦେଲେ କିଏ ପାଏ ?

ଗୋଟିଏ କନ୍ୟାପ୍ରତି ପିତାମାତାଙ୍କ ହୃଦୟ ଏତେ ନିର୍ମମ-ନିଷ୍ଠୁର ହେବା ବିଶ୍ୱାସ କରି ହେଉନାହିଁ । ତେବେ ସେମାନେ ପିଣ୍ଡ ଦେବାପାଇଁ ହକଦାର ହେବେ ନାହିଁ କାହିଁକି ? ଅବଚେତନ ପୁତ୍ର ମାନଙ୍କ ପ୍ରତି କବି ବାଣୀ ଚେତାବନୀ ଦିଏ-

ପୁଳା ପୁଳା ମାଂସ ଶରୀରୁଁ କାଟି ଖାଇବାକୁ ଦେଲା ଯିଏ

ପିଇବାକୁ ଯେ ଶିରା-ପ୍ରଶିରାରୁ ରକ୍ତ ଶୁଖେଇ ଦିଏ

ଚିହ୍ନି ପାରିଲୁନି ତାକୁ ମନ୍ଦିରେ ପଶି ମୁଣ୍ଡିଆ ମାରୁ କେଉଁ ଦିଅଁ ଦେବତାଙ୍କୁ II

(ସ୍ୱରଚିତ କବିତାରୁ ଉଦ୍ଧୃତ...)

କେତେକ ଗରିବ ପିତାମାତା ବନ୍ଧୁ-ବାନ୍ଧବଙ୍କ ସୂତ୍ରରୁ କିମ୍ବା ଅଳ୍ପକିଛି ଜମି ବିକ୍ରି କରି ଅଧାଅଧି ଯୌତୁକ ଦେଇଥାନ୍ତି । ବାକିଟଙ୍କା କିଛି ଦିନପରେ ଦେବାକୁ କହିଥାନ୍ତି, ଝିଅ ବିଭା ପରେ ସେମାନେ ଏଭଳି ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ଯେ ଜବାବ ମୁତାବକ ଟଙ୍କା ଦେଇ ପାରନ୍ତି ନାହିଁ ।ସେହି ଅସୁବିଧା ମାନ ଏହି ଯେ –ଜ୍ୱାଇଁ କୁଣିଆଁ କରିବା, ଝିଅ ପାଇଁ ପିଠା ପଣା ନେବା, ନବ ଜାତ ନାତି ନାତୁଣୀଙ୍କ ପାଇଁ ସୁନା କିଣିବା, ଲୁଗାପଟା କିଣିବା ଇତ୍ୟାଦି..ଏସବୁ ତା'ଙ୍କ ପାଇଁ ଖର୍ଚ୍ଚ ଯାହାକି ଜ୍ୱାଇଁ ଓ ସମୁଦି ବୁଝନ୍ତି ନାହିଁ I କେବଳ ବକୟା ଟଙ୍କା ପାଇଁ ବୋହୂକୁ ନିର୍ଯ୍ୟାତନା ଦେଉଥାନ୍ତି ।ଅନ୍ୟ କିଛି ବାଟ ନପାଇ ବୋହୂଟି ଅକାଳ ମୃତ୍ୟୁର ଶିକାର ହୋଇଥାଏ I

ତୁମରି ପାଇଁ କରନ୍ତି ଚିନ୍ତା ଦରିଦ୍ର ମାତାପିତା
ଅବାଞ୍ଛନୀୟ ତୁମରି ଜନ୍ମ ଲାଗଇ ତା'ଙ୍କୁ ପିତା ।
କାହିଁକି ଆଜି ସମାଜେ ତୁମେ ହୋଇଛ ତିକ୍ତ ମଧୁ
ଯୌତୁକ ପାଇଁ ନିଅ ଗୋ ଚିତା ମୋ ଦେଶ କୁଳବଧୂ ॥

(ସ୍ୱରଚିତ କବିତାରୁ ଉଦ୍ଧୃତ...)

ଅତୀତରେ ଝିଅଟିଏ ବୟଃପ୍ରାପ୍ତ ପର୍ଯ୍ୟନ୍ତ ରହୁନଥିଲା ତା'କୁ ପିଲାଦିନୁ କନ୍ୟା କରିଥାନ୍ତି । ଅଧିକାଂଶ ପୁଅଝିଅ ବାଲ୍ୟ ବିବାହ ହୋଇଥାନ୍ତି । ବୟଃ ପ୍ରାପ୍ତପରେ କନ୍ୟା ଶାଶୁଘରକୁ ନବବଧୂ ରୂପେ ଯାତ୍ରାକରେ । ଅନେକ ସ୍ଥଳରେ କିଛି ଟଙ୍କା ଦେଇ ପୁଅଘର କନ୍ୟାଟିଏ ପାଇଥାନ୍ତି । ଆଜି ଏହା ସଂପୂର୍ଣ୍ଣ ବିପରୀତ ହୋଇଯାଇଛି । ପୁଅର ବିବାହ କାଳ ବାପର ହାତମୁଠାରେ ରହିଛି । ତେଣୁ ସେ ପୁଅକୁ ୨୫-୩୦ ବର୍ଷ ରଖି ଗୋଟିଏ ୧୫-୧୬ ବୟସର ଝିଅ ଖୋଜି ବିବାହ କରୁଛି । ବିଚାରକଲେ ଗୋଟିଏ ପୁଅର ବିବାହ କାଳ ମଧ୍ୟରେ ଦୁଇଟି ଝିଅ ବୟଃପ୍ରାପ୍ତ ହେଉଛନ୍ତି । ତେଣୁ ଝିଅ ସଂଖ୍ୟା ପୁଅ ଠାରୁ ଅଧିକା ବୋଲି ଲୋକେ କହୁଛନ୍ତି । ଏହି ଅସାମଞ୍ଜସ୍ୟ ବିବାହ ହେତୁ ଯୌତୁକ ସମସ୍ୟା ସମାଜରେ ମୁଣ୍ଡ ଟେକି ଠିଆହୋଇଛି ।

ସରଳମନା କୋମଳପ୍ରାଣା ନିରୀହା କନ୍ୟାଟିଏ କେତେ ଗେଲବସରରେ ପିତାମାତଙ୍କ କୋଳରେ ବଢିଥାଏ । ତା'ର ଜୀବନ ଗଢି ତୋଳିବା ପାଇଁ ପିତାମାତା ପାଠ ପଢାଇଥାନ୍ତି । ନାନା ରୋଗ-ବ୍ୟାଧି ମଧ୍ୟରେ ଜୀବନ ଦେଇ ଧନ ଖର୍ଚ୍ଚ କରି ତାକୁ ଆରୋଗ୍ୟ କରିଥାନ୍ତି । ବୟଃପ୍ରାପ୍ତ ହୋଇ ଝିଅଟି ଖଣ୍ଡାଧାରରେ ଚାଲିଲା ଭଳି ସମାଜର ନୀତି ନିୟମ ମାନି ଚଳେ । ପିତାମାତାଙ୍କର ସେବା ଶୁଶ୍ରୁଷାରେ ସେ ପଛାଇ ଯାଏ ନାହିଁ । ଶାଶୁଘରେ ଯାଇ ସମସ୍ତଙ୍କ ସେବାରେ ତାର କର୍ମମୟ ଜୀବନକୁ ନିୟୋଜିତ କରିଦିଏ । ରୋଷେଇ କରିବା, ଖାଇବାକୁ ଦେବା, ବାସନ ମାଜିବା, ଲୁଗାସଫା କରିବା ଓ

ପାଣି ବୋହିବାରେ ସକାଳୁ ସଞ୍ଜ ଯାଏ ଟିକିଏ ଫୁସରତ ମିଳେ ନାହିଁ I ବିଭିନ୍ନ ଭୂମିକାରେ ନାରୀ ମାନବ ସମାଜର ସେବା କରୁଅଛି I କେବଳ ତାକୁ ଭଲ ପାଇବା ଏହି ଗୋଟିଏ ସୂତ୍ରରେ ତା'ର ଜୀବନ ବାନ୍ଧି ହୋଇ ରହିଛି ଟିକିଏ ସ୍ନେହ-ମମତା ମଧ୍ୟରେ I ତଥାପି ସମାଜରେ ସେ ତା'ର ମୂଲ୍ୟବୋଧ ହରାଇ ବସିଛି, ଏହା ଏକ ପରିତାପର ବିଷୟ I

ଜନନୀ ଭଗିନୀ ଜାୟା କନ୍ୟା-ବଧୂ ରୂପେ
କରୁଛ ସମାଜ ସେବା ସେବିକା ସ୍ୱରୂପେ ॥
ଇକ୍ଷୁଦଣ୍ଡ ସମ ନିଜେ ହୋଇ ନିଷ୍ପେସିତ
ଦେଉଛ ମଧୁରରସ ସମାଜେ ଯୋଷିତ I
କିନ୍ତୁ ହାୟ ଦେବୀ ! ଆଜି କେଉଁ ଅଭିଶାପେ-
ପାଷାଣୀ ଅହଲ୍ୟା ସମ ଦାରୁଣ ସଂତାପେ-
ସହୁଛ ଜୀବନେ ବହୁ ଦୁଃଖ ନିର୍ଯ୍ୟାତନା
ସ୍ୱାର୍ଥପର ସମାଜର ତାଡନା-ଲାଞ୍ଛନା ॥
ଅମୂଲ୍ୟ ରତନ ତୁମେ ଭବେ ମୂଲ୍ୟହୀନା
ଗ୍ରହଣ ନ ହୁଅ କେବେ ଯଉତୁକ ବିନା I

(ସ୍ୱରଚିତ କବିତାରୁ ଉଦ୍ଧୃତ...)

**ଜହ୍ନିତଇଳା, ଢେଙ୍କାନାଳ**

# କଇଁ ନାନି

ରାଧାମୋହନ ମିଶ୍ର

ଖରାବେଳ, ଗାଁ ଦାଣ୍ଡ ଶୂନ-ଶାନ । ଯିଏ ଯାହା ଘରେ ଖାଇ ପିଇ ବିଶ୍ରାମ ନେଉଥାନ୍ତି । ହଠାତ ଦାଣ୍ଡରେ ପାଟି ଶୁଭିଲା । ଗାଁ ମହାଜନ ଖୁବ ବଡ ପାଟିରେ କିଛି କହୁଥିଲେ । ବାମ ହାତରେ ତାଙ୍କର ଏକ ମାତ୍ର ପୁଅକୁ ଧରି ଚିତ୍କାର କରି କରି କହୁଥାନ୍ତି "ଦେଖ ହୋ , ପୁଅଟାକୁ ମୋର ମାରି ମାରି ରକ୍ତାକ୍ତ କରି ଦେଇଛି । ଏଡେ ସାହସ ତାର । ଆଜି ଇଆର କିଛି ଗୋଟେ ବିଚାର ହବା ଦରକାର । ସ୍କୁଲ ଯାଇ ଦି ଅକ୍ଷର ପଢିଦେଲା ବୋଲି କଣ ଇନ୍ଦ୍ର ଚନ୍ଦ୍ର ମାନିବନି । ଝିଅ ପିଲାଟେ ହେଇ ପୁଅ ଉପରକୁ ହାତ ଉଠେଇବ । ଛି ଛି " ଇତ୍ୟାଦି ଇତ୍ୟାଦି ।

ପାଟି ଶୁଣି କିଛି ଲୋକ ଘରୁ ବାହାରି ଦାଣ୍ଡରେ କଥା ଶୁଣୁଥାନ୍ତି । କାହାରି ତୁଣ୍ଡରେ କଥା ନଥାଏ । ସ୍ତ୍ରୀ ଲୋକ କେହି କେହି କବାଟକୁ ଦରଆଉଜା କରି ଆଉ କିଏ ଝରକା ଫାଙ୍କରେ ଶୁଣୁଥାନ୍ତି । ମହାଜନେ କଣ ଏ ଅସମୟରେ ପାଟି କରୁଛନ୍ତି, କିଏ କଣ କହିଲାକି ? ସମସ୍ତେ ନିଜନିଜ ଭିତରେ ଠରା ଠରି ହେଉଥାନ୍ତି , କଣ ହେଇଛିକି ? ମହାଜନ ଗାଁର ସବୁଠୁ ଧନୀ, ମାନି, ଭଦ୍ରଲୋକ । ସୁବିଧା ଅସୁବିଧାରେ ସମସ୍ତେ ଯାଆନ୍ତି ତାଙ୍କରି ଘରକୁ ଧାର କରଜ ପାଇଁ , ତାଙ୍କୁ କିଏ କଣ କହିବ ?

ମହାଜନ ପାଟି କରି କରି ପହଞ୍ଚିଲେ ଯାଇ କଇଁ ଘର ଦୁଆର ମୁହଁରେ । ପାଟି କମି ନଥାଏ, ଡାକ ଦେଲେ ଓ କଇଁ ବାପା, ଟିକେ ବାହାରକୁ ଆସିଲ । ଅଧାଖିଆରୁ ହାତ ଧୋଇ କଇଁ ବାପା ଉଠି ଆସିଲେ ଦୁଆର ମୁହଁକୁ , ଗାମୁଛରେ ହାତ ପୋଛୁ ପୋଛୁ ଅତି ନମ୍ର ଭାବରେ କହିଲେ କଣ ହେଲାକି ସାଆନ୍ତେ , କିଛି ଭୁଲ ହୋଇଗଲାକି ମୋର ? ଏଇ ଥରର କିସ୍ତି ଆର ସନକୁ ଦେଇଦେବି । ମହାଜନ ପୁଣି ପାଟିକରି ଉଠିଲେ , ରଖହେ ତମ କଅଁଳିଆ କଥା , ତମ ଝିଅକୁ ପଚାର କେମିତି ମାରଚି ମୋ ପୁଅକୁ । ଗାଲରେ ତାର ପାଞ୍ଚ ଅଙ୍ଗୁଳି ବସି ଯାଇଛି । ଝିଅଟାକୁ ଏତେ କଣ ମୁହଁ ଦେଇଚ ? ଆଜି ସନ୍ଧ୍ୟାରେ ପଞ୍ଚାୟତ ବସିବ, ସେଇଠି ତମ ସାଙ୍ଗରେ କଥାବାର୍ତ୍ତା ।

ତଟସ୍ଥ ହୋଇ କଇଁ ବାପା ଚାହିଁଲେ ମହାଜନଙ୍କ ପୁଅକୁ, ସତକୁ ସତ ଗାଲଟା ଫୁଲି ଯାଇଥିଲା । ଆଖିରୁ ଲୁହ ଶୁଖି ନଥିଲା, ଏ କଥା ପୁଣି ତା ଝିଅ କରିଛି । ରାଗ ପଞ୍ଚମକୁ ଉଠି ଗଲା ତାର , କିଛି ନବୁଝି ନଶୁଝି ହେ ବୋଲି କହି ପଛ ପଟେ ଠିଆ ହେଇଥିବା ନିଜ ଝିଅର ଛୁଟି ଧରି ଘୋଷାରି ଆଣିଲା ଆଉ ପିଠିରେ ଦାଉଁ ଦାଉଁ କଷି ଦେଇ ଗଲା ।

ଚେତା ବୁଡି ଚେତା ଆସିବା ପରେ ଯେବେ କଇଁ ଆଖି ଖୋଲି ଚାହିଁଲା ମା ତା ପାଖରେ ବସି କାନ୍ଦୁଥିଲା । କି ମଣିଷ ତମେ, କିଛି ନଜାଣି ଝିଅଟାକୁ ମୋର ଏମିତି ମାରି ପକେଇଲ । ଝିଅ ମୋର ସେମିତି ନୁହଁ, କିଛି ଗୋଟେ ହେଇଥିବା ନିଶ୍ଚୟ । ବାପାଙ୍କ ଉତ୍ତର ଶୁଣି ପୁଣି ଚେତାବୁଡିଯିବା ପରି ଲାଗୁଥିଲା । ରାଗ, ଅଭିମାନ ଓ ଅନୁତାପଭରା କଣ୍ଠରେ ବାପା କହୁଥିଲେ , ସେକଥା ଛାଡ ସନ୍ଧ୍ୟାରେ ସଭା ହବ , କି ଉତ୍ତର ଦେବି, କଣ କହିବି-ନକହିବି, ସେକଥା ଟିକେ ମତେ କହ, କଣ କରିବି ମୁଁ ?

କଇଁ ଭାରି ସ୍ୱାଭିମାନି, ଭଲ ପଢେ ବୋଲି ସ୍କୁଲରେ ଭାରି ଆଦର । କ୍ଲାସରେ ଫାର୍ଷ୍ଟ ହୁଏ, ତେଣୁ ମହାଜନ ପୁଅ ତା ସାଙ୍ଗେ କଥା ହୁଏନି, ସବୁ କଥାରେ ଚିଡେ । କଇଁର ବହି ଲୁଚେଇ ଦିଏ , କଲମ ଫୋପାଡି ଦିଏ । କିଛି କହେନି କଇଁ , ନୀରବରେ ସବୁ ସହିଯାଏ । ସେଦିନ କିନ୍ତୁ କଥା ଅଲଗା ଥିଲା, ସବୁ ସୀମା ଟପି ଯାଇଥିଲା ମହାଜନ ପୁଅ । ପ୍ରାର୍ଥନା ସଭାରୁ କ୍ଲାସକୁ ଗଲା ବାଟରେ କଲମ ଖୋଲି ତା ଉପରେ ସାହି ଫୋପଡିଲା , କଇଁ ସାଟ ପୁରା ଅସନା । ରାଗରେ ଚାହିଁଲା ତା ଆଡକୁ । ଆଉ ଥରେ ଚାହିଁଲା ଛାତିରେ ପଡିଥିବା ସାହି ଛିଟାକୁ । କେହି କିଛି କହିବ ଆଗରୁ କଇଁ ମହାଜନ ପୁଅ କାନ ଧରି ଘୋଷାଡ଼ି ଆଣିଲା ଆଉ ଗାଲରେ ଗୋଟେ ଶାକ୍ତ ଚାପୁଡା ଥୋଇଲା ।

ହେଡମାଷ୍ଟରେ ଦୁହିଁଙ୍କୁ ଅଫିସ ଡକେଇ ଗାଳି କଲେ, କାନ ଧରି ବସ ଉଠ କରେଇଲେ । ଦୁହିଁଙ୍କୁ ବହୁତ ତାଗିଦ୍ ବି କଲେ । କଥା ସେଇଠି ସରିଲାନି ଯେ ପୁଣି ମହାଜନ ସଭା ଡକେଇବ, ଯୋଉଠିକୁ ଯିବାକୁ ବାପଙ୍କର ଏତେ ଡର ? ମୁଣ୍ଡ ବୁଲେଇ ଦଉଥିଲା କଇଁର, ବାପଙ୍କୁ କହିଲା ଯାହାତ ହେଲା ହେଲା , ତମ ସାଙ୍ଗେ ମତେ ସଭାକୁ ନବ , ମୁ ସବୁ ସତ ସମସ୍ତଙ୍କ ଆଗରେ କହିବି, ତମେ ଡରନି, ମୁଁ କିଛି ଭୁଲ କରିନି । ବାପା କହିଲେ "ଚାଲ ଏଠୁ, ଯାହାତ ଅପମାନ ପାଇବି, ତା'ପରେ ପୁଣି ତତେ ନେବି ସଭାରେ ଲୋକଙ୍କ ଆଗରେ ନାକ କାଟିବା ପାଇଁ, ଯା ଏଠୁ" । ରାଗରେ କିଛି ଖାଇଲାନି କଇଁ ,

ତାର ଏକା ଜିଦି ସେ'ବି ସଭାକୁ ଯିବ, ଝିଅ ବୋଲି କଣ ତାର କଥା କହିବାର ଅଧିକାର ନାହିଁ , କିଛି ଭୁଲ ନଥାଇ ତା ବାପା କାହିଁ କଥା ଶୁଣିବେ ସଭାରେ ? ପୁଅ ବୋଲି ମହାଜନ ପୁଅ ଯାହା କଲା ସବୁ ଠିକ ? ଏମିତି ଭାବି ଭାବି ତାକୁ ନିଦ ହେଇ ଯାଇଛି I "ତାପରେ ମହାଜନ ପୁଅ ଖତେଇ ହେଇ ହେଇ କହୁଥିଲା , ଯାହା ହେଇଛି ଠିକ ହେଇଛି, ମୋର ଯାହା ଇଛା କରିବି, ତୁ କିଛି କରିପାରିବୁନି । ତୋ ବାପା ଭୁଲ ମାଗିବ, ହେ ହେ" I ଜୋରେ ପଟି କରି ଉଠି ପଡିଲା କଇଁ । ସେତେବେଳକୁ ସନ୍ଧ୍ୟା ହେଇ ଆସିଲାଣି । ମା'କୁ ପଚାରି ଜାଣିଲ ବାପା ସଭାକୁ ଗଲେଣି । ମା'ର ହାତ ଧରି କଇଁ ତାଙ୍କୁ ଟାଣି ଟାଣି ନେଲା ସଭା ଆଡେ, "ତୁ ଖାଲି ମୋ ପାଖେ ଠିଆ ହବୁ, ମୁଁ ଯାହା କହିବ କଥା କହିବି I " ସଭା ପାଖେ ପହଞ୍ଚି ଦେଖିଲା ଅନେକ ଲୋକ ଆସିଲେଣି, ଲଣ୍ଠଣ ଆଲୁଅରେ ଦେଖିଲା ତା ବାପା ହାତଯୋଡି କହୁଥାନ୍ତି ; ଯାହାତ ହେଲା ହେଲା ଆଜ୍ଞା, ଝିଅଟାକୁ କ'ଣ ସଭାକୁ ଆଣିବି I ତା ପାଇଁ ମୁଁ ଭୁଲ ମାଗୁଚି । କଇଁ ନିଜ କୋହ ଛାପି ଧରିଥାଏ , ଆଉ ପାରିଲାନି, କହିଲା ମହାଜନେ ମୋ କଥା ଟିକେ ଶୁଣ, ମୋର ଭୁଲ ନହିଁ , ଆଗ ତମ ପୁଅକୁ ଡାକ , ତାକୁ ପଚାର ସେ କଣ କରିଛି, କାହିଁକି ମୁଁ ତାକୁ ମାରିଲି, ତମ ଝିଅ ହେଇଥିଲେ କଣ ଏଇଆ କରିଥାନ୍ତ । ସ୍କୁଲ ସାରଙ୍କୁ ପଚାର ସେ କଣ କରିଛି , ମୋ ସାଟ ଦେଖ I ମୁଁ ଝିଅ ବୋଲି କଣ ସବୁ ଦୋଷ ମୋର ? ଆପଣ କିଛି ଭୁଲ କରୁନାହାନ୍ତି? ବିଚାର ଠିକ କରନ୍ତୁ । ଏକା ନିଶ୍ୱାସରେ ଏତେ କଥା କହିଗଲା କଇଁ, ତା ପରେ ଆଉ କିଛି କହିବାର ଶକ୍ତି ନଥାଏ I

## ୧୦ ବର୍ଷ ପରେ...

ପିଲା ଦିନେ ସେଇ ଘଟଣା ପାଇଁ ତାକୁ ନିର୍ବାସନ ମିଳିଥିଲା , ସେ ଆଉ ଗାଁରେ ରହି ପଢି ପାରିଲାନି, ମାମୁଁଘର ଗାଁକୁ ଆସି ତାକୁ ପଢିବାକୁ ପଡିଲା । ମାଟ୍ରିକ ପରେ ରାଜନୀତି ବିଜ୍ଞାନରେ ସ୍ନାତକ କଲା, ସବୁ ଭୁଲ ଠିକ ବୁଝି ପାରିଲା । ମନରେ ଅନେକ କ୍ଷୋଭ, ହେଲେ ନିଜର ପରିସୀମା ଓ ଶକ୍ତିର ସୁନିଶ୍ଚିତ ପ୍ରୟୋଗ ପାଇଁ ସୁଯୋଗ ଅପେକ୍ଷାରେ ଥାଏ I ଦିନ ଗଡି ଚାଲିଥାଏ, ବାହାଘର କଥା କଇଁ ମନରୁ ପାଶୋରି ଦେଇଥାଏ । ସମୟକ୍ରମେ ତା ଗାଁର ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଚାଲିଥାଏ । ନିଜକୁ ସଜକଲା କଇଁ । ନିଜ ଗାଁକୁ ଫେରି ଘରକୁ ଘର ବୁଲି , ବିଶେଷ କରି ସ୍ତ୍ରୀ ଲୋକ

ମାନଙ୍କ ସହ ମିଶି ସଭିଙ୍କୁ ଏକାଠି କଲା । ସେ ଜାଣିଥିଲା ଦୃଢ ବିରୋଧର ସାମ୍ନା କରିବାକୁ ପଡିବ ତାକୁ । ତଥାପି ମନର ବଳ ଏକାଠି କରି ଆଗେଇ ଚାଲିଥାଏ I ସ୍ତ୍ରୀ ଲୋକଙ୍କ ମନରେ କଇଁର କଥା ବହୁତ ପ୍ରଭାବ ପକାଇଲା । ସେମାନେ ଭାବୁ ଥାନ୍ତି, ଏତେ ବର୍ଷ ହେଲା ମହାଜନ ଗାଁ ମୁଖିଆ ହେଇ କଣ କରିଛି? ଏବେ ପୁଣି ସରପଞ୍ଚ ହବାପାଇଁ ପ୍ରାର୍ଥୀ, ନାଁ, କଇଁକୁ ଜିତେଇବାକୁ ପଡିବ । ଗାଁରେ ସଭିଙ୍କୁ କଇଁକଥା ସବୁ ଠିକ ଲାଗିଲା ଆଉ କଇଁ ଜିତିଗଲା । ପ୍ରଥମ ଭାଷଣରେ ସେ କହୁଥାଏ ମୁଁ କଇଁ ପ୍ରଧାନ ହାତଯୋଡି ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି । କୌଣସି ଝିଅକୁ ମୋ ପରି ଚିରା ବସ୍ତାନି ବୋହିବାକୁ ଦେବିନି , ପୁଅ ମାନଙ୍କ ସଙ୍ଗେ ସମାନ ହୋଇ ସେମାନେ ପଢିବେ I ମୁଁ କଇଁ ପ୍ରଧାନ ଏ ଗାଁର ଛୋଟ କଇଁ ମାନଙ୍କ ପାଇଁ କଇଁନାନି ହେଇ ରହିବି । ଆଉ ଆପଣ ମାନଙ୍କୁ ମହାଜନ ମାନଙ୍କ ଠାରୁ ଧାର ଉଧାର ଆଣିବାକୁ ପଡିବନି I ମୋତେ ଖାଲି ଆପଣଙ୍କ ସାହାଯ୍ୟ ଓ ଆଶୀର୍ବାଦ ଦରକାର I

ସଭା ମଝିରୁ ଶୁଭିଲା "କଇଁ ନାନି ଜିନ୍ଦାବାଦ" II

ରଣପଶି,ଢେଙ୍କାନାଳ

# କବିତାର ସ୍ୱପ୍ନ

ସୋନାଲୀ ମହାଭୋଇ

ଝିଅଟିଏ ଥିଲା, ନାଁ ଟି ତା'ର କବିତା । ଜନ୍ମ ହେବାର କିଛି ମାସପରେ ଏକ ମହାମାରୀରେ ସେ ନିଜ ବାପା ମା' ଦୁହିଁଙ୍କୁ ହରାଇଦେଲା । ମାତ୍ର କିଛି ଦିନ ପୂର୍ବରୁ ଦୁନିଆଁକୁ ଆସିଥିବା ଝିଅର ଦୁନିଆଁରେ ଆଉ କେହି ସାହାରା ନଥିଲେ । ଭଲମନ୍ଦ ଶିଖାଇବା ତ ଦୂରର କଥା ଚାଲି ଶିଖାଇବା ପାଇଁ କେହି ନିଜର ଲୋକ ନଥିଲେ । ନିଜ ସରଳ ଓ ନିଷ୍କପଟ ଚେହେରାରେ ସେ ସମସ୍ତଙ୍କ ହୃଦୟ ଜିତି ନେଇଥିଲା ଗାଁର ସବୁଠୁ ବଡ ଜମିଦାର କୃଷ୍ଣବାବୁ ଓ ତାଙ୍କ ପତ୍ନୀ ସୁମିତ୍ରା ଝିଅଟିକୁ ଘରେ ରହିବାକୁ ଅନୁମତି ଦେଲେ । ସୁମିତ୍ରା ଥିଲା ବହୁତ କ୍ରୋଧୀ କିନ୍ତୁ କବିତା ପ୍ରତି ତାର ମନୋଭାବ ଥିଲା ବହୁତ ନିର୍ମଳ । କ୍ରମଶଃ କବିତା କାଳକୁ ସାଥ ଦେଇ ନିଜ ଜୀବନ ଡଙ୍ଗାକୁ ଆଗେଇ ନେଇ ଚାଲିଲା । କବିତାର ମାଲିକାଣୀର ଘରେ ପଲେ ଛେଳି ଥିଲେ । କବିତାକୁ ଯେତେବେଳେ ପାଞ୍ଚ ବର୍ଷ ହୋଇଗଲା ଛେଳି ଚରାଇବାର ଦାଇତ୍ୱ ଏଣିକି କବିତା ହାତରେ ଦିଆଗଲା । କବିତାର ପ୍ରତିଦିନ କାର୍ଯ୍ୟ ହେଲା ବଣକୁ ଛେଳି ଚରାଇବାକୁ ନେବା । ଦିନକର ଘଟଣା, ମେଘୁଆ ପାଗ ହୋଇଥିବାରୁ କବିତା ଛେଳିମାନଙ୍କୁ ନେଇ ବଣକୁ ନଯାଇ ଗାଁ ମୁଣ୍ଡରେ ଥିବା ସ୍କୁଲ ପଡିଆକୁ ନେଇଗଲା । ସ୍କୁଲ ହତା ଭିତରେ ସେ ଦେଖିଲା ଯେ ତା ଭଳି ପିଲା ସିଲଟରେ କେତେବେଳେ ଲେଖିପକାଉଛନ୍ତି ତ କେତେବେଳେ ମାଷ୍ଟର ପାଖରୁ ଗପ ଶୁଣୁଛନ୍ତି ଓ ଆଉ କେତେବେଳେ ଏକାଠି ଖେଳୁଛନ୍ତି । ଛୋଟ ପିଲା ମୁଣ୍ଡରେ ଅବା କେତେ ବୁଦ୍ଧି । ଅନ୍ୟ ପିଲାଙ୍କ ଭଳି ହସି ଖେଳି ଜୀବନ ବିତାଇବା ପାଇଁ ତା' ମନରେ ଆଶା ବସା ବାନ୍ଧିଲା । କିନ୍ତୁ ତା' ଆଗରେ ପ୍ରତିବନ୍ଧକ ହୋଇ ଛିଡାହୋଇଥିଲା ତାର ମାଲିକାଣୀର ନିଷ୍ପତି । ନିଜ ମାଲିକାଣୀକୁ ଡରୁଥିଲେ ସୁଦ୍ଧା ନିଜ ମନରେ ସାହସ ରଖି ସେଦିନ ସନ୍ଧ୍ୟାରେ ଛେଳି ବାନ୍ଧି ଆସି ମାଲିକାଣୀକୁ ସ୍କୁଲ ଯିବା ବିଷୟରେ ଅନୁମତି ପାର୍ଥନା କଲା । କଥା କହିଲା ବେଳକୁ ପୌଷମାସର ବାଘୁଆ ଶୀତ ଯେମିତି ତାକୁ ମାଡି ବସିଛି ସେମିତି ଭାବେ ଥରୁଥିଲା କବିତା । ତା'ର ବହୁତ ନିବେଦନ ପରେ ତା'ର ମାଲିକାଣୀ ତା କଥାରେ ରାଜି ହେଲେ । ପ୍ରତିଦିନ

ସକାଳୁ କବିତାକୁ ଛେଳି ଚରାଇ ନେବାକୁ ପଡେ ଏବଂ ତା ପରେ ତା'ର ସ୍କୁଲ ଯିବା ପାଇଁ ରାସ୍ତା ଖୋଲେ । ଏକ ପାଞ୍ଚ ବର୍ଷର ପିଲା ପାଇଁ ଏହା ବହୁତ କଷ୍ଟକର ହୋଇଥିଲେ ମଧ୍ୟ କବିତା ନିଜ କାର୍ଯ୍ୟରେ ଭାରି ଖୁସି ଥାଏ I କାଳକ୍ରମେ ବର୍ଷ ଶେଷବେଳକୁ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଖେଇ ଆସିଲା I ସ୍କୁଲର ପ୍ରଧାନ ଶିକ୍ଷକ ସମସ୍ତ ଛାତ୍ର ମାନଙ୍କହାତରେ ତାଙ୍କ ଅବିଭାବକ ମାନଙ୍କ ପାଖକୁ ନିମନ୍ତ୍ରଣ ପତ୍ର ପଠାଇଲେ I କବିତା ନିମନ୍ତ୍ରଣ ପତ୍ରଟି କୁ ଆଣି ତାର ମାଲିକାଣୀକୁ ଦେଲା I ମାଲିକାଣୀ ତ ଅପାଠୁଆ ଲୋକ ପଢିବା ଅବା ଜାଣିବ କୁଆଡୁ ? ଓଲଟା କଣ ବୋଲି ସେ କବିତାକୁ ପଚାରିଲା Iକବିତା କହିଲା କି ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଆପଣ ଓ ମାଲିକଙ୍କୁ ନିମନ୍ତ୍ରଣ କରାଯାଇଛି I ବାର୍ଷିକ ଉତ୍ସବ ଦିନ ବିଦ୍ୟାଳୟର ପ୍ରତିଟି କାର୍ଯ୍ୟକ୍ରମରେ ଆଗରେ ଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ଦିଆଗଲା Iଶ୍ରେଣୀରେ ପ୍ରଥମ ସ୍ଥାନରେ ଆସିଥିବାରୁ ,ପରିବେଶ ପରିଷ୍କାର ରଖିବା ନିମନ୍ତେ ଏବଂ ଗୁରୁଜନଙ୍କ ପ୍ରତି ମନରେ ସମ୍ମାନ ଯୋଗୁ କବିତାକୁ ଗୋଟିଏ ପରେ ଗୋଟିଏ ତିନୋଟି ପୁରସ୍କାର ବଢାଇ ଦିଆଗଲା I କବିତାକୁ ସେଠାରେ ବସିଥିବା ସମସ୍ତ ଲୋକ ପ୍ରଶଂସା ଅଜାଡିଦେଲେ I ଏହାଦେଖି ମାଲିକାଣୀ ଏଭଳି ଏକ ହିରାକୁ ଛେଳି ଚରାଇବାକୁ କହି ତାର ପଢିବାରେ କେତେ ବଡ ବାଧା ଉପୁଯାଇଛନ୍ତି ତାହା ବୁଝିପାରିଲା I ତେଣୁ ସେ ନିଜ କାର୍ଯ୍ୟ ପାଇଁ ଲଜ୍ୟା ଅନୁଭବ କଲା ଓ ଏହା ପରଠାରୁ ଏଭଳି କାର୍ଯ୍ୟ କେବେ କରିବ ନାହିଁ ବୋଲି ଭାବିଲା I ଏଭଳି ଭାବରେ କବିତାର ପାଠପଢିବା ଉପରେ ଥିବା ପ୍ରତିବନ୍ଧକ ଦୂର ହୋଇ ତା'ର ପାଠ ପଢିବାର ସ୍ୱପ୍ନ ସତ ହେଲା I

ନବମ ଶ୍ରେଣୀ ଛାତ୍ରୀ
ସେଣ୍ଟ ଜାଭିୟର'ସ ଉଚ୍ଚବିଦ୍ୟାଳୟ,
ରଣପଶି ଢେଙ୍କାନାଳ

# ଅନ୍ତହୀନ ରାତି

ସନ୍ତୋଷ ସାଗର ମିଶ୍ର

ସୂର୍ଯ୍ୟ ବୁଡିବାର ଅନେକ ସମୟ ହୋଇସାରିଥାଏ, ଅମାବାସ୍ୟା ରାତିର ବାହାନା ନେଇ ଚନ୍ଦ୍ରବି ଏବେ ଯାଏଁ ଦେଖା ଦେଇନି, ତାରାମାନେ ସବୁ ଭୟଭୀତପ୍ରାୟ ବାଦଲ ପଛରେ ଲୁଚି ବସିଛନ୍ତି । ସେହି ଘୋର ଅନ୍ଧକାର ରାତିରେ ମଣିଷ ତ ଦୂରର କଥା ଭୂତ ପ୍ରେତବି ବାହାରକୁ ନଆସି ମଶାଣିରେ ଶୋଇଥିବେ । ସେମିତିଆ ଅନ୍ଧାର ରାତିରେ ପଣ୍ଡିତ ମାଧବ ମିଶ୍ରେ ନିଜ ଘର ବାହାରେ କୋଉ ଅଜଣା ଜାଗାରେ ବସି ନିଜର ନିଶ୍ୱାସ ଗଣୁଥାନ୍ତି । ତାଙ୍କୁ ଆଭାସ ଥାଏ ଯେକୌଣସି ଗୋଟିଏ ତାଙ୍କର ଶେଷ ନିଶ୍ୱାସ ହେଇପାରେ ।

ଅନତି ଦୂରରେ ଶୁଭୁଥିବା କିଛି କୋଳାହଳ ଶବ୍ଦ ଯେବେ ପାଖେଇ ଆସିଲା ମିଶ୍ରେଙ୍କର ହୃତସ୍ପନ୍ଦନ ମଧ୍ୟ ଦ୍ରୁତ ହୋଇଚାଲିଲା । " ଏଥର ମଲି " , ଏଇ କଥା ଭାବି ପଣ୍ଡିତଙ୍କ ଦେହରୁ ଝାଳ ପରସ୍ତେ ବୋହିଗଲା । ମାଘ ମାସର ଅଧରାତି, ଦେହରେ ତାଙ୍କର କନା ଖଣ୍ଡେ ବି ନାହିଁ, ପିନ୍ଧିଥିବା ଧୋତିଟା ଦୌଡିବାବେଳେ ଅସୁବିଧା କରିବାରୁ ତାକୁ ଆଣ୍ଠୁ ଉପରକୁ ଟାଣି କଛା ମାରି ଦେଇଛନ୍ତି । ପଇତାଟି କେବେ କୋଉଠି ପଡିଲା ଆଉ ମନେ ନାହିଁ । ଗଳାରେ ପିନ୍ଧି ଥିବା ରୁଦ୍ରାକ୍ଷ୍ୟ ମାଳା ସହ ୩ ଭରି ସୁନା ଚେନ କୁଆଡେ ପକେଇ ଦେଇଛନ୍ତି ପଣ୍ଡିତେ । ମଥା ଓ ବାହୁର ଚନ୍ଦନ ଲେପ ଝାଳରେ ଲିଭି ଯାଇଛି । ସେ ବ୍ରାହ୍ମଣ ହବାର ଏକ ମାତ୍ର ଚିହ୍ନ ତାଙ୍କ ମୁଣ୍ଡ ପଛପଟ ଚୁଳ । ନିଜର ବ୍ରାହ୍ମଣ ଜାତି ଓ ପାଣ୍ଡିତ୍ୟକୁ ନେଇ ଗର୍ବ କରୁଥିବା ପଣ୍ଡିତେ ଆଜି ନିଜର ପରିଚୟ ତ୍ୟାଗ କରିବାକୁ ପ୍ରସ୍ତୁତ ।

"ଆଲ୍ଲା ହୁ ଆକବର " ଗର୍ଜନ କରି ତାଙ୍କର ମରଣ ଚାରିଆଡେ ଘୁରି ବୁଲୁଛି । କୌଣସି ମୁହୂର୍ତରେ ବି ସେ ଯମଦର୍ଶନ କରି ପାରନ୍ତି, ତାଙ୍କରି ଆଗରେ ତ ତିନି ଜଣଙ୍କ ମୁଣ୍ଡ କଟି ଯାଇଛି । ହାତରେ ତଲୱାର ଧରି ବିଧର୍ମୀ ଗୁଡାକ ଛେଳି କୁକୁଡା କାଟିବା ପରି କେତେ ଲୋକଙ୍କର ହାତ ଗୋଡ କାଟି ଗଲେ । "ପାପି ଗୁଡାକ କେବଳ ମଣିଷ କାଟିବା ପାଇଁ ହିଁ ମାଂସ ଦୋକାନ ଦେଇ ଦିନ ରାତି ମାର କାଟ ଅଭ୍ୟାସ କରୁଛନ୍ତି । ଗୋ-ମାତା ପରି ପବିତ୍ର ଜୀବକୁବି ଏଇ ନରହନ୍ତା ମାନେ ମାରି

ଖାଇଯାଉଛନ୍ତି । ଏଇ ପାତକୀ ଗୁଡାଙ୍କୁ ତ ନର୍କରେ ବି ଜାଗା ମିଳିବ ନାହିଁ । ଖାଲି ୟାଙ୍କୁ ନୁହଁ , ୟାଙ୍କ ଆଲ୍ଲାକୁବି ଯମ ଦଣ୍ଡ ମିଳବା ଉଚିତ । " । ପଣ୍ଡିତଙ୍କର ଭାବନା ଥମି ଗଲା ଯେବେ ଅନତି ଦୂରର କୋଳାହଳ ପଣ୍ଡିତେ ଥିବା ଜାଗା ପାଖାପାଖି ଆସି ବନ୍ଦ ହେଇଗଲା । ସେମାନଙ୍କ କଥା ଏବେ ସେ ସ୍ପଷ୍ଟ ଶୁଣି ପାରୁଥାନ୍ତି ।

କେହିଜଣେ କହିଲା "ଏଇ ବାଟେ ଆସିଲା, କାହାଁ ଗୟା ସାଲା ପଣ୍ଡିତ "। "ଅନ୍ଦର ହୋଗା, ଆଜ ମରେଗା ସାଲା କାଫେର" କହିଲା ଆଉ ଜଣେ । ପୁଣିଥରେ ଆଲ୍ଲା ହୁ ଆକବର ଗର୍ଜନ ଚିତ୍କାର ଆରମ୍ଭ ହେଲା । ସେହି ସମୟରେ କିଏ କହିଲା "ନାଇଁ , ମସଜିଦ ଭିତରକୁ ହତିଆର ? କୋଇ ଅନ୍ଦର ନେହିଁ ଯାଏଗା । ଯଦି ଭିତରେ ଥିବ, ମସଜିଦ ଭିତରେ ମାରିଦେଲେ ତାକୁ ଆଲ୍ଲା ନସିବ ହେଇଯିବ । " ଆଉ କିଛି କେହି କହିବା ଆଗରୁ ଅଲଗା ଆଡୁ ଆସୁଥିବା ଶବ୍ଦ ଶୁଣି ପୁଣି ସେ ଦିଗରେ ଦୌଡିଲେ ସମସ୍ତେ । ପଣ୍ଡିତେ ମସଜିଦ ଭିତରେ ପଶି ଥିବାରୁ ନିଜକୁ ଘୃଣା କରିବେ ନା ଜୀବନ ବଞ୍ଚାଇ ଥିବାରୁ ଆଲ୍ଲାଙ୍କୁ ଧନ୍ୟବାଦ ଦେବେ ଭାବୁଥାନ୍ତି ।

## କିଛି ଘଣ୍ଟା ପୂର୍ବେ...

ଗାଁର ଆର ମୁଣ୍ଡରେ ଥିବା ଶିବ ମନ୍ଦିର ପାଖରେ ପଣ୍ଡିତେ ସଭା ଡକେଇ ଥିଲେ । ତ୍ରିପାଠୀଙ୍କ ଗାଇଟି ଗଲା ୩ ଦିନ ହେଲା ମିଳୁନି । କେଉଟ ପୁଅ ମକରା କହୁଛି ସେ କାଳେ ଗତକାଲି ମାଛ ହାଟରେ ଦେଖିଚି ପଠାଣ ଟୋକେ ବହୁତ ଫୁସଫାସ ହଉଥିଲେ ଆଉ ଭାରି ଖୁସି ଥିଲେ । ରହୀମ ଖାନ କହୁଥିଲା "ଏଥର କାମ ଆଚ୍ଛା ଗଲା , ଆଉ ଦି ଥରରେ ହଜ ପାଇଁ ପଇସା ହେଇଯିବ" ତିଆଡ଼ିଏ କହିଲେ "ଚୋର ରହୀମ ମୋ ଗାଇ କାଟି ବିକି ଦେଲା, ଆଉ ସେ ପଇସାରେ ହଜ କରିବ?" ତାଙ୍କ ପାଳି ଧଇଲେ ମେଞ୍ଚାକ ଗଉଡ ଟୋକା "ଆଜି ତାଙ୍କୁ ପିଟିପିଟି ଗାଁରୁ ତଡିବା" । କେହି ଜଣେ କହୁଥିଲା " ସେମାନଙ୍କୁ ଥରେ ପଚାରି ଦବା କଥାଟା କଣ", ହେଲେ କହିବା ଲୋକଛଡା ଆଉ କେହି ଶୁଣି ପାରିଲେନି । ତାର ଅଧଘଣ୍ଟା ଭିତରେ କଥା ଏତେ ବଢିଗଲା ଯେ ୫୦ ଲୋକ ସେଠି ହାତରେ ମଶାଲ ଓ ତ୍ରିଶୂଳ ଧରି "ହର ହର ମହାଦେବ " ରଣ ହୁଙ୍କାର ଦେଲେଣି । ତାର ଘଣ୍ଟେ ଭିତରେ

ସେମାନେ ମୁସଲିମ ବସ୍ତିରେ ପଶି ତିନିଟା କୁକୁଡା ଫାର୍ମ ଜାଳି ସାରିଲେଣି । ଯୋଉ ମୁସଲିମ ଲୋକ ସେମାନଙ୍କ ହାବୁଡେ ପଡିଲା ତାର ଆଉ ନିସ୍ତାର ନାହିଁ । କିଏ ମଲା ବା ବଞ୍ଚିଲା ଦେଖିବାକୁବି ଫୁରସତ ନାହିଁ । ଆଖି ପିଛୁଳାକେ ଗାଁ ଯାକ ଖବର ପହଞ୍ଚି ସାରିଥାଏ ।

ତାର ଘଣ୍ଟାଏ ଭିତରେ ୧୦୦ ମୁସଲିମ ଟୋକା ହାତରେ ତଲୱାର ଧରି ଆସି ପହଞ୍ଚିଲେ । ସେତେବେଳକୁ ହିନ୍ଦୁ ମାନଙ୍କର ଜୋଷ ଥଣ୍ଡା ପଡିଗଲାଣି, ପଲେ ଟୋକା ମଦ ପିଇ ବେହୋସ, ଖାଲି ଯାହା ଦରବୁଢାତକ ଏବେ ହଟ୍ଟଗୋଳ କରୁଥାନ୍ତି । ଏବେ ଆସି ପହଞ୍ଚିଥିବା ମୁସଲିମ ଟୋକାଙ୍କ ଆଖିରେ ନିଆଁ ଦେଖି ଏ ବୁଢାଦଳ ଛତ୍ରଭଙ୍ଗ ଦେଲେ । ଗଣେଶଙ୍କ ପରି ବିଶାଳ ଉଦର ଧାରି ମାଧବ ମିଶ୍ରେ ବିଲୁଆ ପରି ଦୌଡିଲେ ।

## ବର୍ତ୍ତମାନ...

ମସଜିଦ ଆଗରେ ଠିଆ ହୋଇଥିବା ଲୋକେ ଅନ୍ୟ ଦିଗରେ ଚାଲି ଯିବାର ଅନେକ ସମୟ ପରେ ବଡ ସାହସ ସଞ୍ଚୟ କରି ମିଶ୍ରେ ପଦାକୁ ଆସିଲେ । ଭାବିଲେ କୁଆଡେ ଯିବେ , ଘରକୁ ତ ଯାଇ ହବନି, ସାହି ଘେରାଉ କରି ପଠାଣ ଟୋକେ ଜଗିଥିବେ । ସେତିକିବେଳେ ଦୂରରୁ ଦିଶୁଥିବା ମଶାଲ ଆଲୁଅ ସେଇ ଦିଗକୁ ବଢିଲା ପରି ଲାଗିଲା , ଆଉ ମିଶ୍ରେ ପୁଣି ଦୌଡିଲେ ।

ଅନ୍ଧାରରେ ଦେଖା ଯାଉ ନଥାଏ, ଝୁଣ୍ଟି ପଡି ପଣ୍ଡିତେ କୋଉ କାଠ ଜିନିଷରେ ବାଡେଇ ହେଲେ, କାହା ଘର କବାଟ ବୋଧେ । ଏ ସମୟରେ କିଏବା କବାଟ ଖୋଲିବ ? ପଛକୁ ବୁଲି ଚାହିଁଲା ବେଳକୁ ମଶାଲ ନିଆଁ ପାଖେଇ ଆସୁଥାଏ । ଆଉ ଥରେ ଆଗକୁ ଚାହିଁବା ପୂର୍ବରୁ କବାଟ ଖୋଲି କେହି ଜଣେ ଭିତରକୁ ଟାଣିନେଲା । ଘର ଭିତରେ ଝାପସା ଆଲୁଅ ଥିଲେବି ମିଶ୍ରେ ରହୀମ ଖାନକୁ ଚିହ୍ନି ପାରିଲେ । କବାଟ ବାହାରେ ହଟ୍ଟଗୋଳ ଆରମ୍ଭ ହେଇଯାଇଥାଏ, କେହି ଜଣେ ଆସି ଖୁବ ଜୋରରେ କବାଟ ବାଡେଇବା ଆରମ୍ଭ କଲା । ରହୀମ କବାଟ ଆଡେ ଚାହିଁଲା, ସଙ୍ଗେ ସଙ୍ଗେ ରୋଷେଇ ଘରୁ ପରିବା କଟା ଛୁରୀ ଟା ଧରି ଆସି ପଣ୍ଡିତକୁ ଘର ଭିତରକୁ ଟାଣିନେଲା । ପଣ୍ଡିତେ ଇଷ୍ଟ ସ୍ମରଣ କଲେ, ଜାଣିଲେ ସ୍ୱର୍ଗ ଯାତ୍ରା ସୁନିଶ୍ଚିତ ।

କିଛି ସମୟରେ ଭିତରୁ ଆସି ରହୀମ କବାଟ ଖୋଲିବା ମାତ୍ରେ ତାକୁ ଧକ୍କା ମାରି ଦୁଇଜଣ ଭିତରେ ପଶିଲେ ଆଉ ପଚାରିଲେ "କାହିଁ ସେ ସଇତାନ" । ଭିତର ଘରେ ଶୋଇଥିବା ଲଣ୍ଡା ବୁଢାକୁ ଦେଖି ରହୀମକୁ ପ୍ରଶ୍ନଭରା ଆଖିରେ ଚାହିଁଲେ । "ମୋ ଚାଚା ", ରହୀମ ଉତ୍ତର ଦେଲା , "ଆଜି ହାଇଦ୍ରାବାଦରୁ  କେମୋଥେରାପି ନେଇ ଫେରିଲେ, କାଲି ତାଙ୍କ ପୁଅ ସହରରୁ ଫେରି କୋଲକାତା ନେଇଯିବ " । ଏ କଥା ଅବିଶ୍ୱାସ କରିବାର କାରଣ ନଥିଲା , ସବୁବେଳେ ବୁରଖାରେ  ରହୁଥିବା ରହୀମର ବେଗମ ବିନା ପରଦାରେ ସେ ବୁଢାକୁ ଖୁଆଇ ଦଉଥିଲା , ସେମାନେ ଆସିବା ପରେ ସିଏ ପରଦା ଟାଣିବା ସେମାନେ ଦେଖିଛନ୍ତି । ସେମାନେ ପୁଣି ଝଡ ପରି ଘରୁ ବାହାରି ଗଲେ । ମାଧବ ମିଶ୍ରେ ଚାହିଁ ଥାନ୍ତି, ବ୍ରାହ୍ମଣ ହେବାର ଶେଷ ଚିହ୍ନ ତାଙ୍କ ଚୁଳଟି ରହୀମ ଖାନ ପରିବା କଟା ଛୁରୀରେ କାଟି ଦେଇଛି ।

ସକାଳ ୫ ଟା ପାଖାପାଖି ଗାଁ ଶାନ୍ତ ପଡି ଆସିଲା, ରହୀମର ସ୍ତ୍ରୀ ଓ ଅମ୍ମି ଆଉ ମାଧବ ମିଶ୍ରେ , ତିନିଜଣ ଆପାଦମସ୍ତକ ବୁର୍ଖାପିନ୍ଧି ଘରୁ ବାହାରିଲେ, ଆଉ ପଣ୍ଡିତଙ୍କ ବାଡିପଟ ଯାଏଁ ସାଙ୍ଗରେ ଗଲେ । ତାଙ୍କ ବାଡି କବାଟ ପାଖରେ ଛାଡି ରହୀମର ସ୍ତ୍ରୀ ବିଦାୟ ନେଲା ବେଳେ "ଅଦାବ " କହି ଯେବେ ଗୋଟିଏ ହାତ ଉଠାଇଲେ,  ସବୁବେଳେ ଆଶୀର୍ବାଦ ଦେବାପାଇଁ ଉଠୁଥିବା ପଣ୍ଡିତଙ୍କ ହାତଟି "ଅଦାବ" କୁ ଅନୁକରଣ କରୁଥିଲା ।

ପୂର୍ବକାଶ କୃଷ୍ଣ ବର୍ଣ୍ଣରୁ ବଦଳି ଲାଲ ହେଉଥାଏ । ଆଉ କିଛି କ୍ଷଣରେ ଦିଗନ୍ତ ବିସ୍ତାରୀ ତମସାର ଅବସାନ କରି ତପନ ଜ୍ୟୋସ୍ନା ବାରି ଅଜାଡି ଦେବେ । ଏ ରାତିର ଅନ୍ତ ହେଇଯିବ । କିନ୍ତୁ ଅଜ୍ଞାନ, ହିଂସା,ବିତୃଷ୍ଣା ଓ ପରସ୍ପର ପ୍ରତି ଘୃଣାର ଅନ୍ଧକାର ଭରା ରାତି ଯାହା ସମସ୍ତଙ୍କୁ କାଲି ଅନ୍ଧ କରିଦେଇଥିଲା , ସେ ରାତି କଣ ଅନ୍ତହୀନ ??

**ରଣପଶି,ଢେଙ୍କାନାଳ**

ପ୍ରିୟ ପାଠକ ଓ ପାଠିକା,

- ପ୍ରେରଣା ଇ-ପତ୍ରିକାର ଏହା ତୃତୀୟ ସଂସ୍କରଣ । ଏହି ଡିସେମ୍ବର ସଂସ୍କରଣଟି ଆପଣଙ୍କୁ କିପରି ଲାଗିଲା ଆମକୁ ନିଶ୍ଚିନ୍ତ ଜଣାନ୍ତୁ ।
- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ଉତ୍ସାହିତ କରିବା ପାଇଁ ତଥା ପତ୍ରିକାକୁ ଅଧିକ ସରସ ସୁନ୍ଦର କରିବାରେ ଆପଣଙ୍କ ସୁଚିନ୍ତିତ ମତାମତ ନିତ୍ୟାନ୍ତ ଆବଶ୍ୟକ ।
- ପ୍ରକାଶନରେ ରେ ହୋଇଥିବା କୌଣସି ତ୍ରୁଟି ଆମକୁ ଜଣାଇଲେ ପରବର୍ତ୍ତୀ ସଂସ୍କରଣରେ ତା'ର ମାର୍ଜନା ପ୍ରତି ଯତ୍ନବାନ ହେବୁ ।

**ଆପଣଙ୍କ ମତାମତ ପ୍ରେରଣା ୱେବସାଇଟରେ**

**(www.preranaodia.com/feedback)ପ୍ରଦାନ କରିବାକୁ ଅନୁରୋଧ ।**

# www.preranaodia.com